# ପାଠ୍ୟକ୍ରମ-୫୦୨

# ପ୍ରାରମ୍ଭିକ ବିଦ୍ୟାଳୟରେ ଶୈକ୍ଷିକ ପ୍ରକ୍ରିୟା

## ଦ୍ୱିତୀୟ ଭାଗ

## ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟା

### ସୂଚୀପତ୍ର


| କ୍ରମିକ ସଂଖ୍ୟା ସଂଖ୍ୟା | ଅଧ୍ୟାୟର ନାମ | ପୃଷ୍ଠା |
|---|---|---|
| ୧. | ଆଦ୍ୟ ବିଦ୍ୟାଳୟ ଶିକ୍ଷା ଓ ସମୟରେ ଶିକ୍ଷଣ ଓ ଶିକ୍ଷାଦାନ | |
| ୨. | ଶିକ୍ଷଣ ଓ ଶିକ୍ଷାଦାନର ବିଭିନ୍ନ ଉପାୟ | |
| ୩. | ଶିକ୍ଷଣ ଓ ଶିକ୍ଷାଦାନ ପଦ୍ଧତି | |
| ୪. | ଶିକ୍ଷଣ ଓ ଶିକ୍ଷାର୍ଥୀ କୈନ୍ଦ୍ରିକ ପଦ୍ଧତି ଓ ଉପାୟ | |



# ଆଦ୍ୟ ବିଦ୍ୟାଳୟ ଶିକ୍ଷା ସମୟରେ ଶିକ୍ଷଣ ଓ ଶିକ୍ଷାଦାନ

ଟିପ୍ପଣୀ

## ସଂରଚନା


୧.୦- ଉପକ୍ରମ

୧.୧- ଶିକ୍ଷଣ ଉଦ୍ଦେଶ୍ୟ

୧.୨- ଶିକ୍ଷଣ ପ୍ରକ୍ରିୟା

୧.୨.୧- ଅବଧାରଣ ଓ ପ୍ରକ୍ରିୟା

୧.୨.୨- ଶିକ୍ଷଣକୁ ପ୍ରଭାବିତ କରୁଥିବା ଉପାଦାନ

୧.୩- ପିଲାମାନେ କିପରି ଶିଖନ୍ତି

୧.୩.୧- ଅନୁକରଣ

୧.୩.୨- ପର୍ଯ୍ୟବେକ୍ଷଣ

୧.୩.୩- ପ୍ରଯତ୍ନ ଓ ପ୍ରମାଦ

୧.୩.୪- ସହଭାଗିତା

୧.୩.୫- ଆବିଷ୍କାର/ଅନୁସନ୍ଧାନ

୧.୩.୬- ସମସ୍ୟା ସମାଧାନ

୧.୩.୭- ଅର୍ଥପୂର୍ଣ୍ଣ ଶିକ୍ଷଣ

୧.୪- ଶିକ୍ଷାଦାନର ପ୍ରକ୍ରିୟା

୧.୪.୧- ବ୍ୟବହାର ପରିବର୍ତ୍ତନ ପାଇଁ ଶିକ୍ଷାଦାନ

୧.୪.୨- ବୌଦ୍ଧିକ ବିକାଶ ପାଇଁ ଶିକ୍ଷାଦାନ

୧.୪.୩-ଅନୁଭୂତି ସଂରଚନା ପାଇଁ ଶିକ୍ଷାଦାନ

୧.୫- ସାରାଂଶ

୧.୬- ପ୍ରଗତିର ମୂଲ୍ୟାୟନ ପାଇଁ ଆଦର୍ଶ ଉତ୍ତର

୧.୭- ସହାୟକ ଗ୍ରନ୍ଥ ଏବଂ ପ୍ରବନ୍ଧ ସୂଚୀ

୧.୮- ପାଠାନ୍ତ ପ୍ରଶ୍ନାବଳୀ

ଟିପ୍ପଣୀ

## ୧.୦ : ଉପକ୍ରମ

ଆପଣ ଜଣେ ଶିକ୍ଷୟିତ୍ରୀ/ଶିକ୍ଷକ ଭାବେ ଶିକ୍ଷକ ଓ ଶିକ୍ଷାଦାନ ଦୁଇଟି ପ୍ରକ୍ରିୟା ସହ ଖୁବ୍ ଭଲ ଭାବରେ ପରିଚିତ। କାରଣ ପିଲାଟି ଶିଖିବା ପାଇଁ ଆପଣ ଶିକ୍ଷାଦାନ କରିଥାନ୍ତି। ସାଧାରଣତଃ ଶ୍ରେଣୀରେ ସବୁପିଲା ନିଜର ସାମର୍ଥ୍ୟ ଅନୁଯାୟୀ ଯେପରି ସର୍ବୋଚ୍ଚ ଶିକ୍ଷଣ ଅନୁଭୂତିକୁ ଆହରଣ କରିପାରିବେ, ସେଥିପାଇଁ ଆପଣ ଆଶାୟୀ ହୋଇଥାନ୍ତି। ଯେତେବେଳେ ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କର ଏହି ସମାନ ଅନୁଭୂତି ଆସିଥାଏ ଯଥା- ନୂତନ ଅନୁଭୂତିକୁ ହାସଲ କରିବା ପାଇଁ ବିଦ୍ୟାର୍ଥୀମାନଙ୍କର ସର୍ବୋଚ୍ଚ ପ୍ରୟାସର ଆବଶ୍ୟକ। ତେବେ ପ୍ରତ୍ୟେକ ଶିକ୍ଷକ ଏହି ଉଦ୍ଦେଶ୍ୟ ପ୍ରାପ୍ତ କରିବା ପାଇଁ ସମାନ ଉପାୟ ଉପଯୋଗ କରି ନ ଥାଆନ୍ତି।

ଆସନ୍ତୁ, ଗୋଟିଏ ପ୍ରାଥମିକ ବିଦ୍ୟାଳୟରେ ଦୁଇଟି ଶ୍ରେଣୀର ନିମ୍ନଲିଖିତ ପରିସ୍ଥିତିକୁ ଅନୁଧ୍ୟାନ କରିବା

**ସ୍ଥିତି ୧ :-**

ପଞ୍ଚମ ଶ୍ରେଣୀରେ ଶ୍ରୀ ରମଣ ଶିକ୍ଷାର୍ଥୀମାନଙ୍କୁ ଉଦ୍ଭିଦର ବିଭିନ୍ନ ଅଂଶ ଦେଖାଇବା ପାଇଁ ଶିକ୍ଷାଦାନ କରୁଥିଲେ। ସେ ଉଦ୍ଭିଦର ବିଭିନ୍ନ ଅଂଶ ଯଥା- ମୂଳକାଣ୍ଡ, ଶାଖା, ପତ୍ର, ଫୁଲ, ଫଳ, ମଞ୍ଜି ଆଦିକୁ କଳାପଟାରେ ଚିତ୍ର ସାହାଯ୍ୟରେ ବର୍ଣ୍ଣନା କରୁଥିଲେ। ସେ ମଝିରେ ମଝିରେ ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନ ପଚାରି, ଠିକ୍ ଭାବରେ ସେମାନେ ବୁଝିଲେ କି ନାହିଁ ତାହା ଅବଗତ ହେଉଥିଲେ। ବେଳେ ବେଳେ ସେ ପିଲାଙ୍କ ସଙ୍ଗେ ମଜା କରୁଥିଲେ ଏବଂ ପଢାରେ ଧ୍ୟାନ ଦେଉ ନଥିବା ପିଲାଙ୍କୁ କଳାପଟାରେ ଥିବା ଚିତ୍ରକୁ ଲକ୍ଷ୍ୟ କରିବାକୁ କହୁଥିଲେ। ଶେଷରେ ସେ ଆଣିଥିବା ଉଦ୍ଭିଦର ଏକ ନମୁନାରେ ତାହାର ବିଭିନ୍ନ ଅଂଶକୁ ଚିହ୍ନଟ କରିବା ପାଇଁ ପିଲାମାନଙ୍କୁ ପଚାରୁଥିଲେ।

**ସ୍ଥିତି ୨ :-**

ଅନ୍ୟ ଏକ ଶ୍ରେଣୀରେ ଶିକ୍ଷୟିତ୍ରୀ ସୀମା ମଧ୍ୟ ସେହି ସମାନ ପ୍ରସଙ୍ଗଟିକୁ ପଢାଇଥିଲେ ଯଥା- ଉଦ୍ଭିଦର ବିଭିନ୍ନ ଅଂଶର ଚିହ୍ନଟକରଣକୁ ଅନ୍ୟ ଏକ ଉପାୟରେ ପଢାଉଥିଲେ। ସେ ଶ୍ରେଣୀକୁ ଆସିବା ପୂର୍ବରୁ ସମସ୍ତ ପିଲାଙ୍କୁ, ଘରୁ ଗୋଟିଏ ଗୋଟି ଉଦ୍ଭିଦର ନମୁନା ନେଇ ଆସିବାକୁ ସୂଚିତ କରିଥିଲେ। ସେ ସବୁ ପିଲାଙ୍କୁ ବିଭିନ୍ନ ୫ଟି ଦଳରେ ଭାଗ କରି ନେଇଥିଲେ। ଗୋଟିଏ କାଗଜ ଫର୍ଦ୍ଦରେ ଉଦ୍ଭିଦର ଚିତ୍ର ଆଙ୍କି, ରଙ୍ଗ କରି, ବିଭିନ୍ନ ଅଂଶକୁ ଚିହ୍ନଟ୍ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସବୁ ଦଳର କାମ ସରିଲା ପରେ ସେମାନେ ତାଙ୍କର କାର୍ଯ୍ୟ ଫର୍ଦ୍ଦକୁ ସମସ୍ତଙ୍କୁ ଦେଖିବା ପାଇଁ କାନ୍ଥରେ ଟଙ୍ଗାଇବାକୁ କହିଥିଲେ। ଶେଷରେ ଯେତେବେଳେ ଶିକ୍ଷୟିତ୍ରୀ ସୀମା, ଗୋଟିଏ ଆମ୍ବ ଗଛର ଚିତ୍ର କରି ତାହାର ବିଭିନ୍ନ ଅଂଶର ଚିହ୍ନଟ କରିବାକୁ କହିଲେ ସେତେବେଳେ ଏକ ପ୍ରତିଯୋଗିତା ହୋଇଥିଲା, ଯେ କିଏ ଏ କାମ କରିବ।

ଆପଣମାନେ ଉପରୋକ୍ତ ଦୁଇଟି ଶ୍ରେଣୀରେ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାରେ, ଉପଯୋଗ କରୁଥିବା ପାର୍ଥକ୍ୟକୁ

ଚିହ୍ନଟ କରିପାରୁଛନ୍ତି କି ?
ଦୁଇଟି ପରିସ୍ଥିତିରେ ଥିବା ସାଦୃଶ୍ୟଗୁଡିକ:

● ଶିକ୍ଷଣ କାର୍ଯ୍ୟକ୍ରମକୁ ଯୋଜନା କରିଥିଲେ ଏବଂ

● ଉଭୟ, ଶିକ୍ଷାଦାନ ପାଇଁ ଶିକ୍ଷଣ ସାମଗ୍ରୀ ବ୍ୟବହାର କରିଥିଲେ
ପରନ୍ତୁ ନିମ୍ନଲିଖିତ ପାର୍ଥକ୍ୟଗୁଡିକ ଏଥିରେ ପରିଲକ୍ଷିତ ହୋଇଛି ।

୧. ପ୍ରଥମ ପରିସ୍ଥିତିରେ ଶ୍ରେଣୀଟିରେ ସମ୍ପୂର୍ଣ୍ଣ ଭାବରେ ଶିକ୍ଷକଙ୍କ ପ୍ରାଧାନ୍ୟ ରହିଛି । ଶିକ୍ଷକ ପାଠ ଯୋଜନା ପ୍ରସ୍ତୁତ, ଶିକ୍ଷଣ ସାମଗ୍ରୀ ଯୋଗାଡ ଧାରଣାଗୁଡିକର ବର୍ଣ୍ଣନା, ପ୍ରଶ୍ନ ପଚାରିବା ଏବଂ ଶ୍ରେଣୀରେ ଅନ୍ୟ କାର୍ଯ୍ୟକଳାପ ଏ ସମସ୍ତ ନିଜେ କରିଥିଲେ । ଶିକ୍ଷାର୍ଥୀମାନେ ନିଷ୍କ୍ରିୟ ହୋଇ ଶିକ୍ଷକଙ୍କ ନିର୍ଦ୍ଦେଶକୁ ବିଶ୍ୱସ୍ତ ହୋଇ ସହଜରେ ମାନି ନେଉଥିଲେ ।

୨. ଦ୍ୱିତୀୟ ପରିସ୍ଥିତିରେ ଶିକ୍ଷାର୍ଥୀମାନେ କେବଳ ନିଷ୍କ୍ରିୟ ଭାବେ ଶିକ୍ଷକଙ୍କ ନିର୍ଦ୍ଦେଶନାରେ ନିଜକୁ ସୀମିତ ନ ରଖି ଶିକ୍ଷଣ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଛନ୍ତି । ସେମାନେ ଶିକ୍ଷଣ ସାମଗ୍ରୀ ସାଙ୍ଗରେ ଆଣିଛନ୍ତି । ଚାର୍ଟ ପ୍ରସ୍ତୁତ କରି, ବିଭିନ୍ନ ଅଂଶଗୁଡିକୁ ଚିହ୍ନଟ କରି ତାହାକୁ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ଇଚ୍ଛାକୃତ ଭାବେ ଶିକ୍ଷଣ ପ୍ରକ୍ରିୟା ଓ ମୂଲ୍ୟାୟନରେ ଭାଗ ନେଇଛନ୍ତି ।

ଏଥିରୁ ଲକ୍ଷ୍ୟ କରାଯାଏ, ଦୁଇଟି ପ୍ରକାରର ଶିକ୍ଷାଦାନ ଧାରାରେ ଶିକ୍ଷକଙ୍କର ମନୋଭାବ ଶିକ୍ଷାର୍ଥୀଙ୍କ ପାଇଁ ଭିନ୍ନ ଭିନ୍ନ । ବିଶେଷତଃ ଶିକ୍ଷାଦାନ-ଶିକ୍ଷଣ ଅଭ୍ୟାସରେ ପାର୍ଥକ୍ୟ ପରିଲକ୍ଷିତ ହେଉଅଛି । ଯେତେବେଳେ ଶ୍ରୀ ରମଣ ବିଶ୍ୱାସ କରନ୍ତି, ଯେ ଶିକ୍ଷାର୍ଥୀ ସ୍ୱଳ୍ପ ବିକଶିତ ଓ ଅନୁଭୂତି ସମ୍ପର୍ଣ୍ଣ । ତେଣୁ ବିଭିନ୍ନ ତଥ୍ୟଗୁଡିକୁ ଶିକ୍ଷାର୍ଥୀଙ୍କୁ ଯୋଗାଇବା ଦରକାର । ଶିକ୍ଷୟତ୍ରୀ ସୀମା ବିଶ୍ୱାସ କରନ୍ତି ଯେ, ଶିକ୍ଷାର୍ଥୀମାନେ ଶ୍ରେଣୀକୁ ଆସିବା ପୂର୍ବରୁ ତାଙ୍କ ପାରିପାର୍ଶ୍ୱରେ ଥିବା ପୃଥିବୀର କିଛି ଅନୁଭୂତି ଲାଭ କରିସାରିଛନ୍ତି ଏବଂ ଏଗୁଡିକୁ ନୂତନ ଅନୁଭୂତି ଗଠନ କରିବାରେ ବ୍ୟବହାର କରିଥାନ୍ତି ।

ତେଣୁ ଶିକ୍ଷାର୍ଥୀଙ୍କ ପ୍ରତି ବିଶ୍ୱାସ ଓ ଧାରଣା ଶିକ୍ଷକଙ୍କ ଭୂମିକା ଶ୍ରେଣୀ ଗୃହରେ ପାରସ୍ପରିକ ପ୍ରତିକ୍ରିୟା ଓ ମୂଲ୍ୟାୟନର ଧାରା ବାସ୍ତବିକ୍ ଭାବେ ଶିକ୍ଷଣ ପ୍ରକ୍ରିୟା ଓ ଅଭ୍ୟାସକୁ ପ୍ରଭାବିତ କରିଥାଏ । କେତେକ ଶିକ୍ଷକ, ଶିକ୍ଷାର୍ଥୀମାନଙ୍କର ପର୍ଯ୍ୟବେକ୍ଷଣ କ୍ରିୟାର ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଥାନ୍ତି । ଆଉ କେତେକ ଶିକ୍ଷାର୍ଥୀମାନଙ୍କର ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱ ଦେଇ ଥାଆନ୍ତି ଏବଂ ଅନ୍ୟ କେତେକଙ୍କରବିଶ୍ୱାସ ଯେ ଶିକ୍ଷାର୍ଥୀମାନେ ନିଜ ଜ୍ଞାନର ନିର୍ମାଣ ପାଇଁ ତାଙ୍କୁ ସହାୟତା କରିବା ଆବଶ୍ୟକ । ତେଣୁ ଜଣେ ଶିକ୍ଷକ ଭାବରେ ବିଭିନ୍ନ ପ୍ରକାରର ଅଭ୍ୟାସ ଓ ଏଥିରେ ଜଡିତ ଥିବା ବିଶ୍ୱାସ ସମ୍ପର୍କରେ ଅବଗତ ହେବା ଦରକାର । ଏ ବିଷୟରେ ଏହି ବିଭାଗରେ ଛାତ୍ରଛାତ୍ରୀମାନେ ଶିଖିବେ । ଶିକ୍ଷଣ ପ୍ରକ୍ରିୟାର ସ୍ୱରୂପ ଓ ବିଶେଷତ୍ୱ, ଶିକ୍ଷାର୍ଥୀମାନେ କିଭଳି ଭାବରେ ଶିଖନ୍ତି ଏବଂ ଶିକ୍ଷାଦାନର ବିଭିନ୍ନ ପ୍ରକାର ଶୈଳୀ, ଯାହାକି କେତେକ କ୍ଷମତାଶାଳୀ ବିଶ୍ୱାସ ଦ୍ୱାରା ପରିଚାଳିତ ହୋଇଥାଏ । ଏ ସମସ୍ତ ବିଷୟରେ ଜାଣିବେ,

ଟିପ୍ପଣୀ

ଶିକ୍ଷଣ ଓ ଶିକ୍ଷାଦାନରେ ତଥ୍ୟ ଓ ପ୍ରୟୋଗ ପାଇଁ ୩ଟି କ୍ଷମତାଶାଳୀ ଉପାୟ ନିମ୍ନରେ ଦିଆଯାଇଛି। ୧)ବ୍ୟବହାରରେ ପରିବର୍ତ୍ତନ, ୨)ସମସ୍ୟା ସମାଧାନ,୩) ଅନୁଭବର ନିର୍ମାଣ ସେଗୁଡିକ ଏଥିରେ ଆଲୋଚନା କରାଯାଇଛି। ସ୍ୱଚ୍ଛ ବିକଶିତ ପିଲାଙ୍କ ପାଇଁ ଏହି ପଦ୍ଧତିଗୁଡିକ ଅର୍ଥପୂର୍ଣ୍ଣ ଅଟେ। ଆମେ ବିଶ୍ୱାସ କରୁ ଯେ ପିଲାଟିର ଶିକ୍ଷଣ ଅର୍ଥପୂର୍ଣ୍ଣ ହୁଏ, ଯେତେବେଳେ ସେ ଶିକ୍ଷାଦାନର ଲକ୍ଷଣକୁ ଭଲପାଏ ଓ ଆହୁରି ଅଧିକ ଆଗେଇ ଯାଏ।

ଯେତେବେଳେ ଆପଣ ଏହି ବିଭାଗଟିକୁ ପଢିବେ, ସେତେବେଳେ ନିଜ ମନରେ ରଖିବେ ଯେ ଯେପରି କୌଣସି ପିଲା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ କରି ପାଠ ଆରମ୍ଭ କରୁଛନ୍ତି। ଏହି ବିଭାଗରେ ଥିବା ବିଭିନ୍ନ ଅବଧାରଣାଗୁଡିକ ସାରିବା ପାଇଁ ଆପଣଙ୍କୁ ୧୨ ଘଣ୍ଟାରେ ଅଧ୍ୟୟନ କରିବାକୁ ପଡିବ।

## ୧.୧: ଶିକ୍ଷଣ ଉଦ୍ଦେଶ୍ୟ

ଏହି ଅଧ୍ୟାୟଟିକୁ ପଢିସାରିବା ପରେ ଆପଣ

- ଧାରଣା ଓ ଶିକ୍ଷଣ ପ୍ରକ୍ରିୟାର ବର୍ଣ୍ଣନା କରିପାରିବେ।
- ଶିକ୍ଷଣ ପ୍ରକ୍ରିୟାକୁ ପ୍ରଭାବିତ କରୁଥିବା ଉପାଦାନଗୁଡିକୁ ସ୍ପଷ୍ଟ କରିପାରିବେ ।
- ଶିକ୍ଷଣର ବିଭିନ୍ନ ସିଦ୍ଧାନ୍ତ ଓ ପ୍ରଣାଳୀ ବର୍ଣ୍ଣନା କରିପାରିବେ।
- ଶିକ୍ଷଣ ଓ ଶିକ୍ଷାଦାନର ପାରମ୍ପରିକ ଓ ଆଧୁନିକ ପଦ୍ଧତିର ପାର୍ଥକ୍ୟ କରିବେ।

## ୧.୨: ଶିକ୍ଷଣ ପ୍ରକ୍ରିୟା

ଶିକ୍ଷଣ କଣ ? ପିଲାଟି କିପରି ଶିଖେ ? ଆମେ ପିଲାକୁ ଶିଖିବାରେ କିପରି ସହାୟକ ହୋଇପାରିବା ? ଜଣେ ଶିକ୍ଷକ ଭାବେ ବିଦ୍ୟାଳୟରେ ପିଲାଟିର ଶିକ୍ଷଣ ପାଇଁ ଦାୟିତ୍ୱ ନେବାକୁ ହେଲେ ଏହିସବୁ ପ୍ରଶ୍ନ ଜାଣିବା ଦରକାର।

### ୧.୨.୧ ଅବଧାରଣ ଓ ଶିକ୍ଷଣ ପ୍ରକ୍ରିୟା

ଆପଣମାନଙ୍କର ପଢିବା ଓ ବିଚାର କରିବା ପାଇଁ ନିମ୍ନରେ କିଛି ତଥ୍ୟ ଦିଆଯାଇଛି।

- ଶିକ୍ଷଣ ଅଧିକ ବା କମ୍ ଭାବରେ ସ୍ଥାୟୀ। ଆମର ଚାରିପାଖରେ ଯାହାସବୁ ଘଟୁଛି, ଆମେ ଯାହା କରୁ ଓ ଯାହା ପର୍ଯ୍ୟବେକ୍ଷଣ କରୁଛେ, ଏସବୁ ଦ୍ୱାରା ରୂପାନ୍ତରିତ ହେବା ଏକ ପ୍ରକ୍ରିୟା।

- ଶିକ୍ଷଣ ଏପରି ଏକ ପ୍ରକ୍ରିୟା ଯାହା ଦ୍ୱାରା ଆଚରଣ ସୃଷ୍ଟି ହୋଇଥାଏ ଓ ପ୍ରଶିକ୍ଷଣ ଦ୍ୱାରା ପରିବର୍ତ୍ତନ ମଧ୍ୟ କରାଯାଇଥାଏ(ପ୍ରାକୃତିକ ପରିସ୍ଥିତି ବା ପ୍ରୟୋଗଶାଳାରେ) ।

- ଶିକ୍ଷଣ ଏକ ଏପରି ପ୍ରକ୍ରିୟା, ଯାହାଦ୍ୱାରା ବ୍ୟକ୍ତି ବିଭିନ୍ନ ଅଭ୍ୟାସ, ଜ୍ଞାନ ଓ ପ୍ରବୃତ୍ତି ଆଦି ହାସଲ କରେ । ଯାହାକି ନିଜର ଚାହିଦା ପୂରଣ ପାଇଁ ଆବଶ୍ୟକ ହୋଇଥାଏ ।

୧. ଶିକ୍ଷଣ, ବ୍ୟକ୍ତିତ୍ୱ(ବୌଦ୍ଧିକ, ପ୍ରଭାବକାରୀ ମନୋଭାବ, ଅଭିପ୍ରେରଣା, ବ୍ୟବହାରିକ ଓ ପ୍ରୟୋଗ)ର ସ୍ଥାୟୀ ପରିବର୍ତ୍ତନ ଆଣିଥାଏ ଏବଂ ଏହାର ପ୍ରଦର୍ଶନ ପରିବର୍ତ୍ତନର ପ୍ରତିଫଳନ ଦେଖାଯାଇଥାଏ । ଯଦିଓ ଏହା ଅଭ୍ୟାସ ଦ୍ୱାରା ଘଟିଥାଏ, ତଥାପି ଅନ୍ତଃଦୃଷ୍ଟି ବିଭିନ୍ନ ଉତ୍ପାଦକ ଓ ସ୍ମରଣ ଶକ୍ତିରୁ ସୃଷ୍ଟି ହୋଇଥାଏ (sahakian, 1976, p.3).

ଉପରୋକ୍ତ ଉକ୍ତିଗୁଡିକ ଶିକ୍ଷଣକୁ ୩ଟି ବିସ୍ତୃତ ଢଙ୍ଗରେ ବୁଝିବାକୁ ବାଟ ଦେଖାଇଛି ।
ଶିକ୍ଷଣ ନିମ୍ନରେ ପ୍ରଦତ୍ତ ହେଉଛି;-

- ବ୍ୟବହାରରେ ସ୍ଥାୟୀ ପରିବିର୍ତ୍ତନ

- ଜୀବନରେ ଚାହିଦା ପୂରଣ ପାଇଁ ଜ୍ଞାନ ଅଭ୍ୟାସ ପ୍ରବୃତ୍ତି ଆଦି ହାସଲ କରିବା

- ବ୍ୟକ୍ତିତ୍ୱର ସମ୍ପର୍ଣ୍ଣ ଭାବରେ ସ୍ଥାୟୀ ପରିବର୍ତ୍ତନ(ଯେତେ ସବୁ ସମ୍ଭବ ବିଭାଗ ରହିଛି)

## ଶିକ୍ଷଣ ପ୍ରକ୍ରିୟାର ସ୍ୱରୂପଃ-

***ଶିକ୍ଷଣ ଏକ ଧାରାବାହିକ ପ୍ରକ୍ରିୟା-*** ପିଲାଟି ଦିନରୁ ପ୍ରତ୍ୟେକ ମଣିଷ ନିଜର ବ୍ୟବହାର, ଚିନ୍ତାଧାରା ମନୋଭାବ, ରୁଚି ଇତ୍ୟାଦିକୁ ପରିବର୍ତ୍ତନଶୀଳ ଜୀବନ ସହିତ ଖାପଖୁଆଇ ଚାଲିବା ପାଇଁ ଧାରାବାହିକ ଭାବରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଥାଏ ।

***ଶିକ୍ଷଣ ନିର୍ଦ୍ଦିଷ୍ଟ ଲକ୍ଷ୍ୟଭିତ୍ତିକ -*** ପ୍ରତ୍ୟେକ ମଣିଷ ନିଜର ଜୀବନରେ କିଛି ଲକ୍ଷ୍ୟକୁ ପ୍ରାପ୍ତ କରିବାର ଅଭିଳାଷ କରିଥାଏ । ଏହି ଲକ୍ଷ୍ୟଗୁଡିକ ଶିକ୍ଷଣ ମାଧ୍ୟମରେ ପ୍ରାପ୍ତ କରିଥାଏ ।

***ଶିକ୍ଷଣ ଉଦ୍ଦେଶ୍ୟଭିତ୍ତିକ-*** ଯଦି କୌଣସି ବ୍ୟକ୍ତି ନିଜ ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ କରିଥାଏ, ତେବେ ଏହି ଲକ୍ଷ୍ୟ ପ୍ରାପ୍ତ କରିବା ପାଇଁ ଜାଣିଶୁଣି କିଛି କାର୍ଯ୍ୟକ୍ରମ କରିଥାଏ । ଯଦି ତା' ପାଖରେ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କୌଣସି ଉଦ୍ଦେଶ୍ୟ ନାହିଁ କିମ୍ବା ସେ ପୁରାପୁରି ଅବିଚାରିତ ରହେ, ତେବେ ତାହାର ଲକ୍ଷ୍ୟ ପାଖରେ ପହଞ୍ଚିବା କଷ୍ଟସାଧ୍ୟ ହୁଏ । ଏହାର ତାତ୍ପର୍ଯ୍ୟ ହେଲା ଶିକ୍ଷଣ ଦୁର୍ବଳ ହୋଇଯାଏ ।

***ଶିକ୍ଷଣ ଏକ ସକ୍ରିୟ ପ୍ରକ୍ରିୟା-*** କିଛି ଶିଖିବା ପାଇଁ ଶାରିରୀକ, ମାନସିକ  ତଥା ଉଭୟ ପାଇଁ କିଛି

ଟିପ୍ପଣୀ

କାର୍ଯ୍ୟକ୍ରମ କରିବାର ଆବଶ୍ୟକତା ରହିଛି । ନୂତନ ଅନୁଭୂତି ଆହରଣ ପାଇଁ ମସ୍ତିଷ୍କ ସକ୍ରିୟ ହେବା ଦରକାର । ନ ହେଲେ ଶିକ୍ଷଣ ସମ୍ଭବ ହେବ ନାହିଁ ।

***ଶିକ୍ଷଣ ବ୍ୟକ୍ତି ସର୍ବସ୍ୱ-*** ଆପଣମାନେ ନିରୀକ୍ଷଣ କରିଥିବେ ଯେ ଶ୍ରେଣୀରେ କେତେକ ପିଲା ଖୁବ୍ ଶୀଘ୍ର ଶିଖିଥାନ୍ତି । ସେହି ସମୟରେ ଅନ୍ୟମାନେ ଧୀରେ ଧୀରେ ଶିକ୍ଷା ଗ୍ରହଣ କରିଥାନ୍ତି । ବାସ୍ତବରେ ବିଭିନ୍ନ ବ୍ୟକ୍ତିର ଶିଖିବା ଶୈଳୀ ଭିନ୍ନ ଭିନ୍ନ ।

***ଶିକ୍ଷଣ ବ୍ୟକ୍ତିର ପରିବେଶ ସହିତ ପ୍ରତିକ୍ରିୟାର ପରିଣାମ-*** ଜଣେ ଶିକ୍ଷକ ହିସାବରେ ପିଲାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସତର୍କତାମୂଳକ ବାତାବରଣ ସଂଗଠନ କରିବା ଉଚିତ୍ । ଫଳରେ ସେମାନେ ଆପଣଙ୍କ ସହିତ, ନିଜ ସାଥୀସାଙ୍ଗଙ୍କ ସହିତ ତଥା ଶିକ୍ଷଣ ଶିକ୍ଷାଦନ ସାମଗ୍ରୀ ସହିତ ପ୍ରତିକ୍ରିୟା କରିପାରିବେ ।

*ଶିକ୍ଷଣ ସ୍ଥାନାନ୍ତରଣୀୟ* – ଗୋଟିଏ ପରିସ୍ଥିତିରେ ହୋଇଥିବା ଶିକ୍ଷଣ ଅନ୍ୟ ଏକ ପରିସ୍ଥିତିରେ ସମସ୍ୟା ସମାଧାନ କରିବାରେ ବ୍ୟବହୃତ ହୋଇପାରେ । ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଭାଷା ଶିକ୍ଷଣ ପିଲାମାନଙ୍କର ବାସ୍ତବିକ ଜୀବନରେ ବିଭିନ୍ନ କାର୍ଯ୍ୟକଳାପ ପ୍ରଦର୍ଶନରେ ସାହାର୍ଯ୍ୟ କରିଥାଏ ।

**E ୧. ଶିକ୍ଷଣର ଯେ କୌଣସି ୩ଟି ବିଶେଷତ୍ୱ, ଉଦାହରଣ ସହ ଦର୍ଶାଅ ।**

______________________________

______________________________

______________________________

______________________________

## ୧.୨.୨ ଶିକ୍ଷଣକୁ ପ୍ରଭାବିତ କରୁଥିବା ଉପାଦାନ

ଆପଣମାନେ ଅବଲୋକନ କରିଥିବେ ଯେ କେତେକ ବ୍ୟକ୍ତି ଗାଡି ଚଳାଇବା, ପହଁରିବା ଓ ରାନ୍ଧିବା ଆଦି କାର୍ଯ୍ୟଗୁଡିକୁ ଖୁବ୍ ସହଜରେ କରିଥାନ୍ତି । ଯେତେବେଳେ ଅନ୍ୟମାନେ ତାହା ସହଜରେ ଶିଖିପାରନ୍ତି ନାହିଁ । ଏପରି କାହିଁକି ହୋଇଥାଏ ? ବ୍ୟକ୍ତି କ'ଣ ଶିଖେ ? କିପରି ଶିଖେ ? ଏହି ଅଧ୍ୟାୟରେ ଜାଣିବା ବ୍ୟକ୍ତିଗତ ଭିନ୍ନତାର କାରଣ କ'ଣ ? ଏ ପ୍ରଶ୍ନଗୁଡିକର ଉତ୍ତର ପାଆନ୍ତୁ ଏବଂ ଶିକ୍ଷଣକୁ ପ୍ରଭାବିତ କରୁଥିବା ବିଭିନ୍ନ କାରଣ ବୁଝିବାକୁ ଚେଷ୍ଟା କରନ୍ତୁ ।

***ଶିକ୍ଷଣ ଓ ପରିପକ୍ୱତା:-*** ପରିପକ୍ୱତା, ବୃଦ୍ଧି ପ୍ରକ୍ରିୟା ଓ ବିକାଶ ସହିତ ସମ୍ବନ୍ଧିତ । ଏହା ପରିବର୍ତ୍ତନକୁ ବର୍ଣ୍ଣନା କରିଥାଏ । ଯାହାକି ଅପେକ୍ଷାକୃତ ବାତାବରଣର ପ୍ରଭାବଠାରୁ ସ୍ୱତନ୍ତ୍ର ଅଟେ ଏବଂ ଏହା ମାନିବାକୁ ହୁଏ କି ବଂଶଗତ ବା ପରମ୍ପରାଗତ ପ୍ରଭାବ ସହିତ ସମ୍ପୂର୍ଣ୍ଣ ଭାବେ ସମ୍ବଳିତ । ଦ୍ୱିତୀୟ ଅର୍ଥରେ ଶିକ୍ଷଣ ବ୍ୟକ୍ତିର ତତ୍କାଳୀନ ବାତାବରଣ ସହିତ ସମ୍ପୂର୍ଣ୍ଣ ଭାବେ ବ୍ୟକ୍ତିଗତ ଓ ପାରମ୍ପରିକ ପ୍ରତିକ୍ରିୟାର ଏକ ପ୍ରାଥମିକ ଅବସ୍ଥା । ଉଦାହରଣ : ଚାଲିବା ଆରମ୍ଭରେ କେତେକ ମାଂସପେଶୀୟ ସମୂହର ପରିପକ୍ୱତା ଓ

ଅଗ୍ରଗତିର ନିୟନ୍ତ୍ରଣ ଉପରେ ନିର୍ଭର କରିଥାଏ(ପରିପକ୍ୱତାର ବିକାଶ), କିନ୍ତୁ ଚାଲିବାର ବିଭିନ୍ନ କୌଶଳରେ ସମ୍ମିଳିତ ଅଭ୍ୟାସର ସୁଯୋଗ(ପରିବେଶ ଓ ଶିକ୍ଷଣ) ବିନା ଜଣେ କେବେ ହେଲେ ଚାଲିପାରିବ ନାହିଁ। ସେହିପରି ଯଦିଓ କଥା କହିବା ବିଶେଷତଃ ପରିପକ୍ୱତା ଦ୍ୱାରା ପ୍ରଭାବିତ ହୁଏ, ଉଚିତ୍ ଅଭ୍ୟାସ ଓ ପ୍ରଶିକ୍ଷଣ(ଯାହା ଶିକ୍ଷଣ ଦ୍ୱାରା ପ୍ରଭାବିତ) ବିନା ଜଣେ କେବେ ହେଲେ ସହଜରେ ଓ ଅର୍ଥପୂର୍ଣ୍ଣ ଭାବରେ କହିପାରିବ ନାହିଁ। ଆମେ ମଧ୍ୟ ଏକଥା ଜାଣୁ ଯେ ଗୋଟିଏ ୬ ମାସର ଶିଶୁ କେବେ ହେଲେ ପଣିକିଆ ଶିଖିପାରିବ ନାହିଁ ଯେ ପର୍ଯ୍ୟନ୍ତ ସେ ତାହାର ମାନସିକ ପରିପକ୍ୱତାସ୍ତରରେ ପହଞ୍ଚି ନଥାଏ।

***ଶିକ୍ଷଣ ପାଇଁ ପ୍ରସ୍ତୁତ:-*** ଯେତେବେଳେ ଶ୍ରେଣୀ ଗୃହରେ ଶିକ୍ଷଣ ସାମଗ୍ରୀ ପରିଚାଳନା କରାଯାଏ, ଆପଣମାନେ ଅନୁଭବ କରୁଥିବେ, ଛାତ୍ରଛାତ୍ରୀମାନେ ମନୋଯୋଗ ଦେଇ ନ ପାରନ୍ତି। ସେଥିପାଇଁ ଶିକ୍ଷୟତ୍ରୀ ବିରକ୍ତି ପ୍ରକାଶ କରିଥାଆନ୍ତି। ଛାତ୍ରଛାତ୍ରୀମାନେ ପ୍ରଶ୍ନକୁ ଗ୍ରହଣ କରନ୍ତି ନାହିଁ। ଏପରି କାହିଁକି ଘଟିଥାଏ ? ଆପଣ ଛାତ୍ରମାନଙ୍କୁ କେବେ ଅନୁଧ୍ୟାନ କରିଛନ୍ତି କି ?

ହଁ, ଅନେକ କାରଣ ଯଥା: ମନୋ-ଶାରୀରିକ (Psychophysical) ଏବଂ ସାମାଜିକକାରକ ଯୋଗୁ ପିଲା ଶିଖିବା ପାଇଁ ପ୍ରସ୍ତୁତ ହୋଇ ନଥାଏ। ବିଭିନ୍ନ ପ୍ରକାରର ପ୍ରସ୍ତୁତି ରହିଅଛି ଯଥା : କେତେକ ଶାରୀରିକ ପରିପକ୍ୱତା ସମ୍ବନ୍ଧୀୟ(ଯେପରି ଜଣେ ଗୋଟିଏ ଦୌଡରେ ଭାଗ ନେଇ ପାରବିନି ଯେ ପର୍ଯ୍ୟନ୍ତ ଚାଲିବାକୁ ସକ୍ଷମ ହୁଏ ନାହିଁ), କେତେକ ବୌଦ୍ଧିକ ପରିପକ୍ୱତା ସମ୍ବନ୍ଧୀୟ, ଆଉ କେତେକ ଶେଷରେ ଦିଆଯାଇଥିବା ସୂଚନା ଗ୍ରହଣ କରିବାର ପରିପକ୍ୱତା ସମ୍ବନ୍ଧୀୟ(ଯେଉଁ ପିଲା ଭାଗ କରିବା ଶିଖି ନାହିଁ, ସେ ଗୁଣନ କିପରି କରିପାରିବେ) ଏବଂ କେତେକ ପ୍ରେତ୍ସାହନର ପରିପକ୍ୱତା ସମ୍ବନ୍ଧୀୟ ଅଟେ।

ପିଲାଙ୍କର ଶିକ୍ଷଣ ପାଇଁ ମାନସିକ ପରିପକ୍ୱତା ନିହାତି ଆବଶ୍ୟକ। ଉଦାହରଣସ୍ୱରୂପ ଭାଷା ଶିକ୍ଷଣରେ ଗୋଟିଏ ପିଲାଠାରୁ ବାଲ୍ୟାବସ୍ଥାରେ ଜଟିଳ ଶବ୍ଦ ଓ ବାକ୍ୟ ଶିଖିବାର ଆଶା କରାଯାଏ ନାହିଁ। ସେହିପରି ଶାରୀରିକ କାର୍ଯ୍ୟକ୍ରମରେ ଯଥା:- 'ଟାଇପ୍ କରିବା, ନାଚ କରିବା ଆଦି ପାଇଁ ଶାରୀରିକ ପ୍ରସ୍ତୁତି ଦରକାର। ଯେବେ ଶିଖିବା ପାଇଁ ପ୍ରସ୍ତୁତ ହୋଇଥାଏ, ତେବେ ଶିକ୍ଷଣ ପ୍ରଭାବଶାଳୀ ହୋଇପାରେ। ତେଣୁ ପ୍ରସ୍ତୁତି ନିର୍ଦ୍ଧାରଣ ପାଇଁ ଆପଣଙ୍କୁ ପିଲାର ଭାବନାତ୍ମକ ଓ ବୈଦ୍ଧିକ ବିକାଶର ଜ୍ଞାନ ରହିବା ଆବଶ୍ୟକ।

***ଶିକ୍ଷଣ ପରିବେଶ:-*** ବିଦ୍ୟାଳୟରେ ପ୍ରଭାବଶାଳୀ ଶିକ୍ଷା ପାଇଁ ବିଦ୍ୟାଳୟର ପରିବେଶ ଶିକ୍ଷକ ଅନୁକୂଳ ହେବା ଆବଶ୍ୟକ। ସମୟ ବା ସ୍ଥାନ ଅନୁସାରେ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାରେ ପିଲାମାନଙ୍କର ପ୍ରତିକ୍ରିୟାର ଆବଶ୍ୟକ ଅଛି। ଉଦ୍ଦୀପକ ଶିକ୍ଷଣ ପରିସ୍ଥିତି ସୃଷ୍ଟି ଓ ନିର୍ମାଣ ପାଇଁ ପ୍ରଭାବଶାଳୀ ଶ୍ରେଣୀ ସଂଗଠନ ପାରସ୍ପରିକ କ୍ରିୟା ଦ୍ୱାରା ବିଦ୍ୟାଳୟର ପ୍ରଦର୍ଶନ ଓ ନୂତନ ପ୍ରକ୍ରିୟା ଦ୍ୱାରା ହାସଲ କରାଯାଇପାରେ।

ନିମ୍ନଲିଖିତ ୨ଟି ଶ୍ରେଣୀର ସ୍ଥିତିକୁ କଳ୍ପନା କରାଯାଇପାରେ।

ଟିପ୍ପଣୀ

**ସ୍ଥିତି-୩:**
ଗୋଟିଏ ବିଦ୍ୟାଳୟର ଗୋଟିଏ ଛୋଟ ଶ୍ରେଣୀରେ ହାରାହାରି ୪୦ ଜଣ ପିଲା ଉପଯୁକ୍ତ ସ୍ଥାନ ନ ଥାଇ ଚଳପ୍ରଚଳ ହୋଇ ନପାରି ବସିଛନ୍ତି। ଉପଯୁକ୍ତ ଆଲୋକ ଓ ବାୟୁ ଚଳାଚଳ ଏହି ଶ୍ରେଣୀରେ ମଧ୍ୟ ନାହିଁ। ଶ୍ରେଣୀର ଅତି ଅଧିକ ଗରମ ଓ ଗହଳିପୂର୍ଣ୍ଣ ଶ୍ରେଣୀରେ ପିଲାମାନେ ଝାଳରେ ଓଦା ହୋଇ ପାଟିତୁଣ୍ଡ କରୁଛନ୍ତି। ସ୍ଥାନର ଅଭାବରୁ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ଦେଖାଇବାର ସୁବିଧା ସେହି ଶ୍ରେଣୀରେ ନାହିଁ। ଶିକ୍ଷକ ଶୃଙ୍ଖଳା ରକ୍ଷା କରିବା ପାଇଁ ଖୁବ୍ ଜୋର୍‌ରେ ଚିତ୍କାର କରୁଛନ୍ତି।

**ସ୍ଥିତି-୪:**
ଅନ୍ୟ ଏକ ବିଦ୍ୟାଳୟରେ ପ୍ରାୟତଃ ସେହି ପରିମାଣର ପିଲାମାନେ ପର୍ଯ୍ୟାପ୍ତ ସ୍ଥାନ, ଉତ୍ତମ ବାୟୁ ଚଳାଚଳ, ହେଉଥିବା ଶ୍ରେଣୀରେ ବିଭିନ୍ନ କାର୍ଯ୍ୟକ୍ରମରେ ନିଯୁକ୍ତି ରହିଛନ୍ତି। ଶ୍ରେଣୀ କାନ୍ଥଗୁଡିକ ରଙ୍ଗୀନ୍ ଓ ରୁଚିପୂର୍ଣ୍ଣ ଚିତ୍ରରେ ଶିକ୍ଷଣ ସାମଗ୍ରୀଗୁଡିକ ସ୍ଥାନ ପାଇଛି। ପ୍ରଚୁର ପରିମାଣର ଶିକ୍ଷାଦାନ -ଶିକ୍ଷଣ ସାମଗ୍ରୀଗୁଡିକ ଠିକ୍ ଭାବରେ ସଂଗୃହୀତ ହୋଇ ରହିଛି। ଶିକ୍ଷକ ପିଲାଙ୍କୁ ସାଥୀ ଭାବରେ ବୁଝୁଛନ୍ତି।

ଏବେ ଆପଣ କିଛି କ୍ଷଣ ପାଇଁ ଭାବନ୍ତୁ। ଉପରୋକ୍ତ ସ୍ଥିତି ମଧ୍ୟରୁ କେଉଁଟି ପ୍ରଭାବଶାଳୀ ଓ କାହିଁକି ? ଆହୁରି ମଧ୍ୟ ଆପଣ ନିଜ ବିଦ୍ୟାଳୟ ଦିନଗୁଡିକ କଥା ଭାବନ୍ତୁ। ଆପଣଙ୍କର କ'ଣ ସବୁ ମନେ ପଡେ ? କେଉଁ କାର୍ଯ୍ୟକ୍ରମ ଶିକ୍ଷଣ ପ୍ରକ୍ରିୟାରେ ଆପଣଙ୍କୁ ଅଧିକ ସନ୍ତୁଷ୍ଟ କରେ। ସମ୍ଭବତଃ କ୍ଷେତ୍ର ପରିଭ୍ରମଣ, ଦଳଗତ କାର୍ଯ୍ୟକ୍ରମ, ପ୍ରକଳ୍ପ ବିଦ୍ୟାଳୟ ବାହାରେ ଓ ଗୋଷ୍ଠୀ କେନ୍ଦ୍ରରେ ହେଉ ବା ବାହାର ପରିବେଶ ଆଦିରେ ଶିକ୍ଷଣ କାର୍ଯ୍ୟକ୍ରମ ଅଧିକ ସନ୍ତୁଷ୍ଟ କରିଥାଏ।

ପ୍ରକୃତରେ ଉପଯୁକ୍ତ ପ୍ରଭାବଶାଳୀ ବାତାବରଣ ଆପେ ଆପେ ହୋଇଯାଏ ନାହିଁ। ଏହାକୁ ତିଆରି କରିବାକୁ ପଡିଥାଏ। କିମ୍ବା ଏହାକୁ ତିଆରି କରିବା ପାଇଁ ଭୌତିକ ପରିବେଶ ଯେପରି ଶ୍ରେଣୀର ଆକାର ମାପ, କାନ୍ଥର ରଙ୍ଗ, ଚଟାଣର ପ୍ରକାର ଭେଦ, ବାୟୁ ଚଳାଚଳ ଓ ଆଲୋକ ଏବଂ ତାହା ସଙ୍ଗେ ସଙ୍ଗେ ଶ୍ରେଣୀ ପରିଚାଳନା ଓ ପିଲାମାନଙ୍କର ଶିକ୍ଷଣ କାର୍ଯ୍ୟକ୍ରମରେ ନିବେଶ ଏବଂ ସୁରକ୍ଷା, ଆକର୍ଷଣୀୟ ଓ ଆରାମଦାୟକ ବନ୍ଧୁତାପୂର୍ଣ୍ଣ ପରିବେଶ ଆଦି କାର୍ଯ୍ୟକ୍ରମରେ ଆପଣ ମଜି ଯାଆନ୍ତି।

## ଶିକ୍ଷଣ ଓ ପ୍ରେରଣା:-

ପ୍ରେରଣା ଏପରି ଏକ ଅନ୍ତର୍ନିହିତ ବଳ ଯାହା ବ୍ୟକ୍ତିକୁ କାର୍ଯ୍ୟପୂର୍ଣ୍ଣ କରିବା ପାଇଁ ସମସ୍ତ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିଥାଏ ବା ବାଟ ଦେଖାଇଥାଏ। ପ୍ରେରଣା ଦୁଇ ପ୍ରକାରର ଯଥା ଅନ୍ତର୍ନିହିତ ପ୍ରେରଣା ଓ ବାହ୍ୟ ପ୍ରେରଣା।



ଟିପ୍ପଣୀ

### ଅନ୍ତର୍ନିହିତ ପ୍ରେରଣା:-

ଅନ୍ତର୍ନିହିତ ପ୍ରେରଣା ରୁଚି ଓ ଆନନ୍ଦ ଆଦିରେ ସ୍ୱତଃ ଉତ୍ପନ୍ନ ହୋଇଥାଏ ବା କୌଣସି ବାହାର ବଳ କାରଣରେ ଅନ୍ତର୍ନିହିତ ପ୍ରେରଣା କୌଣସି କାର୍ଯ୍ୟକ୍ରମରୁ ମିଳୁଥିବା ଆନନ୍ଦ ଉପରେ ଆଧାରିତ ବା କିଛି ବାହାର ପୁରସ୍କାର ଲୋଭରେ ଅନ୍ତର୍ନିହିତ ପ୍ରେରଣାରେ ଇଚ୍ଛକୋଟୀର ଶିକ୍ଷଣ ହୋଇଥାଏ। ଉଦାହରଣ:- ବିଜ୍ଞାନ/ଗଣିତରେ ପ୍ରକଳ୍ପ, ଶିକ୍ଷାର୍ଥୀଙ୍କୁ ସମ୍ଭବତଃ ଏତେ ଆନନ୍ଦ ପ୍ରଦାନ କରେ ଯେ ଏହାର ଫଳସ୍ୱରୂପ ଶିକ୍ଷାର୍ଥୀ ନିଜେ ହିଁ କାର୍ଯ୍ୟକଳାପ କରିବାକୁ ପ୍ରେରଣା ପାଇଥାଏ।

### ବାହ୍ୟ ପ୍ରେରଣା:-

କିଛି ବାହ୍ୟ ଉଦ୍ଦେଶ୍ୟ ହାସଲ କରିବା ଲୋଭକୁ ବାହ୍ୟ ପ୍ରେରଣା କୁହାଯାଏ। ଉଦାହରଣ- ଯଦି ପିଲା ପିତାମାତାଙ୍କୁ ଭୟ କରି ଗୃହକର୍ମ କରିଥାଏ, ତେବେ ସେ ବାହାର ପ୍ରଭାବ ଦ୍ୱାରା ପ୍ରେରଣା ପାଇଥାଏ। ଆହୁରି ମଧ୍ୟ ବାହାର ପ୍ରେରଣାର ସ୍ରୋତ ପୁରସ୍କାର ଓ ପ୍ରଶଂସା ଅଥବା ଆର୍ଥିକ ପ୍ରୋତ୍ସାହନ ହୋଇପାରେ। ଯଦି ପିତାମାତା ବା ଶିକ୍ଷକ ନିଜର ପିଲାଙ୍କ ସାହାଯ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ପୁରସ୍କାର ବା ପ୍ରଶଂସା ଆଦି ଦେଇଥାନ୍ତି, ତେବେ ଏହା ବାହ୍ୟ ପ୍ରେରଣା ଅଟେ।

ଯାହା ହେଉ ଉପଯୁକ୍ତ ପ୍ରେରଣା ଛାତ୍ରମାନଙ୍କର ଶିକ୍ଷଣକୁ ତ୍ୱରାନ୍ୱିତ କରିଥାଏ। ଜଣେଶିକ୍ଷକ ହିସାବରେ ପିଲାଙ୍କର ଧ୍ୟାନ ଶିକ୍ଷଣ ଦିଗରେ କେନ୍ଦ୍ରୀଭୂତ କରିବା ପାଇଁ ପ୍ରେରଣା ଯୋଗାଇବା ପାଇଁ ଆପଣ ଜାଣିଥିବା ବିଭିନ୍ନ ଶୈଳୀର ପ୍ରୟୋଗ କରିଥାନ୍ତି।

E- ୨. ଅନ୍ତର୍ନିହିତ ପ୍ରେରଣା ବାହ୍ୟ ପ୍ରେରଣାଠାରୁ ଶିକ୍ଷଣ ପାଇଁ ଅଧିକ ଉପଯୁକ୍ତ କାହିଁକି ? ସେ ସମ୍ବନ୍ଧୀୟ ଦୁଇଟି କାରଣ ଦର୍ଶାଅ।

## ୧.୩ - ପିଲାମାନେ କିପରି ଶିଖନ୍ତି

ଆପଣ ବହୁତ ପିଲାଙ୍କୁ ପ୍ରଥମ ଶ୍ରେଣୀରେ ବିଦ୍ୟାଳୟକୁ ଆସୁଥିବାର ଦେଖିଥିବେ। ଏହି ପିଲାମାନେ ପ୍ରଥମ କରି ବିଦ୍ୟାଳୟର ଔପଚାରିକ ପାଠ୍ୟକ୍ରମ ଅନୁସାରେ ଶିକ୍ଷଣ ପାଇଁ ଆସିଥିବେ। ତେବେ ଆପଣ କଣ ବୁଝନ୍ତି, ପିଲାଟି ଆଗରୁ କିଛି ଶିଖିନାହିଁ ଏବଂ ଏବେ ପ୍ରଥମ କରି ଶିଖିବ ଆରମ୍ଭ କରିବେ ?

### କ୍ରିୟାକଳାପ-୧

୬ ବର୍ଷର ଏକ ପିଲା ପ୍ରଥମ କରି ବିଦ୍ୟାଳୟକୁ ଶିକ୍ଷାଲାଭ ପାଇଁ ଆସିଛି। ସେ କେଉଁ କେଉଁ କାର୍ଯ୍ୟ କରିପାରିବ। ତାହାର ଏକ ତାଲିକା ପ୍ରସ୍ତୁତ କର।

ଟିପ୍ପଣୀ

ଶ୍ରୀ.ବିନୟ ପ୍ରାଥମିକ ବିଦ୍ୟାଳୟରେ ଆପଣଙ୍କ ପରି ଜଣେ ଶିକ୍ଷକ ସେ ନୂଆ କରି ପ୍ରବେଶ କରିଥିବା ଝୁମ୍ପା ନାମ ପିଲାଟି ସହିତ କଥାବାର୍ତ୍ତା କଲେ ଯାହା ପର୍ଯ୍ୟବେକ୍ଷଣ କଲେ ତାହାର ଏକ ତାଲିକା ନିମ୍ନରେ ପ୍ରଦତ୍ତ କରିଛନ୍ତି ।

- ସେ ତାହାର ଭାବନାକୁ ସରଳ ବାକ୍ୟରେ ପ୍ରକାଶ କରିପାରୁଛି ।
- ସେ ବିଷୟରେ ଥିବା କ୍ରିୟାରେ ବ୍ୟବହୃତ ଉପଯୁକ୍ତ କାଳ ସମ୍ବନ୍ଧରେ ନିଜର ଭାବ ପ୍ରକାଶ କରିପାରୁଥିଲା ।
- ସେ ସରଳ ପ୍ରଶ୍ନର ଉତ୍ତର ଦେଇ ପାରୁଥିଲା । ଯଥା ତୁମେ ମଧ୍ୟାହ୍ନ ଭୋଜନାରେ କ'ଣ ଖାଇଲ ? ତୁମେ କେଉଁ ଖେଳ ଭଲ ପାଅ ? ତୁମ ଘରକୁ ଗତକାଲି କିଏ ଆସିଥିଲେ ?
- ସେ ଜିଜ୍ଞାସୁ ଅଟେ ଓ ବହୁ ପ୍ରଶ୍ନ ପଚାରି ପାରୁଛି । ସେ ଅନିକରଣ ପ୍ରିୟ ମନେ ହେଉଛି ।
- ସେ ଶିକ୍ଷକଙ୍କ କଥାନୁସାରେ କାର୍ଯ୍ୟ କରିପାରେ ଓ ତାହାଙ୍କ କଥା ବୁଝିପାରେ ଯଥା 'ଠିଆହୁଅ', 'ବାମ ପଟକୁ ଯାଅ', 'ତୁମର ଆଖି ବନ୍ଦ କର', 'କଳାପଟା ପାଖକୁ ଆସ' ଆଦି ।
- ସେ ନିଜ ପସନ୍ଦର ଗୀତ ଗାଇପାରେ ।
- ସେ ନିଜର ସାଙ୍ଗମାନଙ୍କ ସହିତ ଖେଳିପାରେ ଓ ଖେଳର ନିୟମକୁ ଦୃଢ ଭାବରେ ପାଳନ କରେ ।

ଦେଖନ୍ତୁ, ଉପରୋକ୍ତ ତାଲିକାଟି ଖୁବ୍ ଦୀର୍ଘ । ଯେ କୌଣସି ପିଲାଟିଏ ଉପରୋକ୍ତ ସମସ୍ତ କାର୍ଯ୍ୟ କରିପାରିବ । କିନ୍ତୁ ଝୁମ୍ପା ଏ ସମସ୍ତ କାର୍ଯ୍ୟଗୁଡିକୁ ଠିକ୍ ଭାବରେ କରିବା କିପରି ଶିଖିଛି ? ଯଦିଓ ତା ଚାରିପାଖରେ କରିବାର ଅନେକ ସଭ୍ୟ ପଡୋଶୀ ଅଛନ୍ତି । କେହି ହେଲେ ତାହାକୁ ଏସବୁ କରିବାକୁ ଶିଖାଇ ନାହାନ୍ତି । ଏଥରରୁ ସ୍ପଷ୍ଟ ହୁଏ ଯେ କେବଳ ଶିଖିବା ପାଇଁ ଯେ ଏକମାତ୍ର ସ୍ଥାନ ତା ନୁହେଁ । କେହିବି ତା ଚାରିପାଖରେ ଅଥବା ପରିବାରର ବିସ୍ତୃତ ଅନୁଭୂତି ଶିଖିପାରିବ । ଯଦି ଆମେ ସାଧାରଣ ଭାବରେ ଅନୁଭବ ଗ୍ରହଣ କରିବାର ପ୍ରକ୍ରିୟା ଜାଣିପାରୁ, ତେବେ ଆମେ ଶ୍ରେଣୀରେ ଏହି ପ୍ରକ୍ରିୟାଗୁଡିକୁ ଉପଯୋଗ କରି ଶିକ୍ଷଣକୁ ଅଧିକ ପ୍ରାକୃତିକ ଅର୍ଥପୂର୍ଣ୍ଣ ଓ ଶିଖିବା ପଇଁ ସରଳ କରିଥାଉ । ଆସନ୍ତୁ କିଛି ଅନୁଭବ ପ୍ରାପ୍ତ କରିବା ପାଇଁ ପ୍ରକ୍ରିୟାକୁ ବୁଝିବା । ଯାହା ପିଲାମାନଙ୍କ ଦ୍ୱାରା ବା ଅନ୍ୟମାନଙ୍କ ଦ୍ୱାରା ଉପଯୋଗ ହୋଇପାରେ । ଯଦ୍ୱାରା ଶିକ୍ଷଣ ଆପେ ଆପେ ହୁଏ ।

## ୧.୩.୧- ଅନୁକରଣ

ଅଧିକାଂଶ ବ୍ୟକ୍ତି କିଛି କାର୍ଯ୍ୟକୁ ଅନୁକରଣ, ବ୍ୟବହାରର ପର୍ଯ୍ୟବେକ୍ଷଣ ଦ୍ୱାରା ଓ ଅନ୍ୟ ପ୍ରକାର କ୍ରିୟାରୁ ଶିଖିତାନ୍ତି । ଏହା ମଧ୍ୟ କିଛି ମୁଖ୍ୟ ପ୍ରକ୍ରିୟା ଅଟେ । ଯେଉଁଥିରେ ପିଲାମାନେ ନୂତନ ଅନୁଭବ ଓ ବ୍ୟବହାରିତା ଶିଖିଥାନ୍ତି । ଅନୁକରଣ କୌଣସି ବ୍ୟକ୍ତିର ବ୍ୟବହାର ବା କାର୍ଯ୍ୟର ନକଲ ଅଟେ । ପିଲାମାନେ ପ୍ରତ୍ୟେକଙ୍କୁ

ଅନୁକରଣ କରି ନଥାନ୍ତି । ସେ ପ୍ରଥମେ ଯାହାକୁ ପସନ୍ଦ କରିଥାନ୍ତି, ତାକୁ ହିଁ ଅନୁକରଣ କରିଥାନ୍ତି । ଯିଏ ତାକୁ ତାଙ୍କ ବ୍ୟବହାର ବା କାର୍ଯ୍ୟ ଦ୍ୱାରା ଆକର୍ଷୀତ କରିଥାଏ, ଏପରି ବ୍ୟକ୍ତି ଅନୁକରଣ ପାଇଁ ଆଦର୍ଶ ହୋଇଥାଏ । ଏପରିକି ଏହି ଆଦର୍ଶ ଯେକୌଣସି ବ୍ୟକ୍ତି ହୋଇପାରେ । ଯିଏ ଯାହାର ପ୍ରତ୍ୟେକ୍ଷ ରୂପ ସହିତ ସେ ସମ୍ପର୍କୀତ ଅଟେ । ଯେପରିକି ମାତା-ପିତା, ସାଙ୍ଗସାଥି, ଶିକ୍ଷକ ବା ଅନ୍ୟ ବୟସ୍କ ସଦସ୍ୟଙ୍କଠାରୁ କିଛି ଅନୁକରଣ କରାଯାଇପାରେ । ଉଦାହରଣ- ଏପରି ବ୍ୟକ୍ତି ଇତିହାସ ବା ପୌରାଣିକ କଥାରେ ଆଦର୍ଶ ହୋଇପାରେ । ଯେପରି ଅଶୋକ, ଶିବାଜୀ, ଆକବର, ଗାନ୍ଧୀ, ନେହରୁ ମଦର ଟେରସା, ଶ୍ରୀରାମ, ଶ୍ରୀକୃଷ୍ଣ, ମିରାବାଈ, ପ୍ରସିଦ୍ଧ ସିନେମା ଅଭିନେତା, ଖେଳାଳି, ଆଦି । ଏପରିକି ଥଟାମଜା କରୁଥିବା ଜଣାଶୁଣା ଚରିତ୍ର ମଧ୍ୟ ଛୋଟ ପିଲାମାନଙ୍କ ପାଇଁ ଆଦର୍ଶ ହୋଇଥାନ୍ତି ।

ଏପରି ଆଦର୍ଶଙ୍କୁ ସାଙ୍କେତିକ ଆଦର୍ଶ କୁହାଯାଏ । ପ୍ରାୟତଃ ମାତା-ପିତା, ସହୋଦର ବା ଶିକ୍ଷକ, ମହାନୁଭାବ ଜଣାଶୁଣା ବ୍ୟକ୍ତିଙ୍କର ଉଦାହରଣ ଦେଇଥାନ୍ତି । ଏହି ଆଦର୍ଶଙ୍କୁ ବାସ୍ତବିକ୍ ଆଦର୍ଶ ବା ଉଦାହରଣୀୟ ଆଦର୍ଶ କୁହାଯାଇଥାଏ । ଏଠାରେ ଧ୍ୟାନ ଦିଆଯାଇଏ ଯେ ସବୁ ଅନୁକରଣ ଶିକ୍ଷଣ ନୁହେଁ, ଯେପରି ଯେ ପର୍ଯ୍ୟନ୍ତ ଅନୁକରଣୀୟ ବ୍ୟକ୍ତି ପିଲାଙ୍କର ମନରେ ନିଜର ସ୍ଥାୟୀ ଛାପ ନ ପକାଇଥାନ୍ତି । ଯେତେବେଳେ ଆପଣ କିଛି ପିଲାଙ୍କ ସକାରାତ୍ମକ ଓ ଇଚ୍ଛାଭିତ୍ତିକ କାର୍ଯ୍ୟର ଅନୁକରଣ କରୁଥିବା ପର୍ଯ୍ୟବେକ୍ଷଣ କରୁଥବେ । ତେବେ ଆପଣ କିପରି ଏହି ଅନୁକରଣୀୟ ବ୍ୟବହାରକୁ ଶିକ୍ଷଣ ବ୍ୟବହାରରେ ବଦଳାଇ ପାରିବାରେ ସକ୍ଷମ ହେବେ ?  ସମ୍ଭବତଃ ଅନୁକରଣଙ୍କୁ ଦୃଷ୍ଟିକରଣ ପାଇଁ ନିମ୍ନଲିଖିତ ୩ଟି ରାସ୍ତା ରହିଛି ।

***ପ୍ରତ୍ୟକ୍ଷ ପ୍ରଶଂସା ବା ପୁରସ୍କାର ପ୍ରଦାନ:-*** 'କଥା କହି, ଯେପରି, ଇଏତ ଏକ ବିଚକ୍ଷଣ ପରି ସମସ୍ୟା ସମାଧାନ କରିପାରୁଛି ।' ଇଏ ଲତା ମଙ୍ଗେସକର୍‌ଭଳି ଭଲ ଗୀତ ଗାଇପାରୁଛି ବା ଇଏ କଣ ସଟ୍ ନେଲା ପୁରା ସଚ୍ଚିନ ତେନ୍ଦୁଲକର ପରି ଖେଳିଲା । ଏହା ପିଲାମାନଙ୍କୁ ପୁର୍ନବାର କରିବାକୁ ଉତ୍ସାହିତ କରିଥାଏ । ଅନୁପ ଜଲୋଟାଙ୍କର ଭଜନ ଗାଉଛି । ପ୍ରଭୁଜୀ ତୁମ୍ ଚନ୍ଦନ......

***ସନ୍ତୋଷଜନକ ପରିଣାମ:-*** ଯଦି ଅନୁକରଣ ଯୋଗୁ ପିଲା ଏକ ସମାଜ ସ୍ୱୀକୃତ ବ୍ୟବହାରକୁ ନିଜର କରିଥାଏ ବା ଉଚିତ୍ ଉଦ୍ଦେଶ୍ୟକୁ ପ୍ରାପ୍ତ କରିଥାଏ । ତେବେ ଏହାକୁ ପୁର୍ନବାର କରିବାକୁ ପସନ୍ଦ କରିଥାଏ । ଉଦାହରଣସ୍ୱରୂପ- ଯଦି କୌଣସି ପିଲା ନିଜର ମା'କୁ ଦୁଧ କହିବା ପାଇଁ ଅନୁକରଣ କରିଥାଏ, ତେବେ ଏହି ଶବ୍ଦଟିକୁ ପୁର୍ନବାର କହିବାକୁ ପସନ୍ଦ କରିଥାଏ । ଯଦି ପୁର୍ନବାର କହିବା ଦ୍ୱାରା ପିଇବା ପାଇଁ ମିଳିଯାଏ । ଦୁଧର ପ୍ରତିଶବ୍ଦ କ୍ଷୀର ମଧ୍ୟ ଶିଖିଥାଏ ।

***ପ୍ରତିନିଧିତ୍ୱ ପୁର୍ନବଳନ:-*** ବେଳେବେଳେ ପିଲାଟି ଅନ୍ୟର ଅନୁକରଣରୁ ଦେଖି କୌଣସି ପୁରସ୍କାର ବା ସନ୍ତୋଷଜନକ ପରିଣାମର ବିନା ଲୋଭରେ ଅନୁକରଣ କରିଥାଏ । ଏହା ପଛରେ ତାହାର ଯୁକ୍ତି ସାବ୍ୟସ୍ତ ହୋଇଥାଏ ଯେ ଯଦି ଏପରି କରିବା ଦ୍ୱାରା ଅନ୍ୟ ଜଣେ ଲାଭ ପ୍ରାପ୍ତ ହୋଇପାରୁଛି, ମୋର ମଧ୍ୟ ହେବ । କିଛି ସ୍ୱତନ୍ତ୍ର ପୋଷାକ ବା ଲିପ୍‌ଷ୍ଟିକ୍ ପସନ୍ଦ କରିବା କିଛି ବିଶେଷ ଢଙ୍ଗରେ କଥା କହିବା ବା କୌଣସି ଭିନ୍ନ ସ୍ୱରରେ ଗାଇବା ଆଦି ଏପରି କିଛି ପ୍ରତିନିଧିତ୍ୱ ପୁନର୍ବଳର ଉଦାହରଣ ।

ଟିପ୍ପଣୀ

***ଅନୁକରଣର ପ୍ରଭାବ-*** ଉପର ଠାଉରିଆ ଭାବରେ ଅନୁକରଣ ଏକ ଆଦର୍ଶ ବ୍ୟବହାରର ପୂର୍ଣ୍ଣ ଭାବରେ ନକଲ ସମ୍ମିଳିତ ପ୍ରକ୍ରିୟାର ଗଭୀରତା ପରୀକ୍ଷା କରିବାରେ ଏହା ବୁଝାଯାଏ ଯେ, ଅନୁକରଣୀୟ ବ୍ୟବହାରର ୩ଟି ଶ୍ରେଣୀ ରହିଛି ।

୧. ଆଦର୍ଶମୟ ପ୍ରଭାବ, ୨. ଦମନାତ୍ମକ/ଅଦମନାତ୍ମକ ପ୍ରଭାବ ଓ ୩. ପ୍ରକଟିକରଣ ପ୍ରଭାବ ।

- କୌଣସି ଆଦର୍ଶ ପର୍ଯ୍ୟବେକ୍ଷଣର ପରିଣାମସ୍ୱରୂପ ଗ୍ରହଣୀୟ ନୂତନ ବ୍ୟବହାର ଆଦର୍ଶମୟ ବ୍ୟବହାରରେ ସାମିଲ୍ ହୋଇଥାଏ ।

- ସାଧାରଣତଃ ସମାନ ବ୍ୟବହାରରେ ବ୍ୟସ୍ତ କୌଣସି ଆଦର୍ଶଙ୍କୁ ଦଣ୍ଡିତ ହେବା ଦେଖିବାର ପରିଣାମସ୍ୱରୂପ ଆଦର୍ଶ ପଥଭ୍ରଷ୍ଟରେ ପ୍ରତିବନ୍ଧକ ଆସିବା ଦମନାତ୍ମକ ପ୍ରଭାବ ସମ୍ବନ୍ଧୀତ ଅଟେ ।

- ଅଦମନାତ୍ମକ ପ୍ରଭାବ ଏହାର ବିପରୀତ ଅଟେ । ଏହା ସେତେବେଳେ ଘଟେ ଯେତେବେଳେ କୌଣସି ଆଦର୍ଶଙ୍କୁ ପ୍ରଥମରୁ ଶିଖିହୁଏ ତଥା ପଥଭ୍ରଷ୍ଟ ବ୍ୟବହାର କରିବା କାରଣରୁ ପୁରସ୍କାର ପାଇବା ପାଇଁ ପର୍ଯ୍ୟବେକ୍ଷଣ କରିଥାଏ ।

- ***ପ୍ରକଟୀକରଣ:-*** ଏହି ପ୍ରଭାବ ଯେକୌଣସି ଆଦର୍ଶ ପ୍ରତିକ୍ରିୟାତ୍ମକ କାର୍ଯ୍ୟ ସମ୍ବନ୍ଧୀତ ଅଟେ କିମ୍ବା ଏହାର ପ୍ରଭାବ ବ୍ୟବହାରିକ ବିଶେଷତ୍ୱ ଉପରେ ପଡେ । ପ୍ରକଟୀକରଣ ପ୍ରଭାବ ଏକ ଉଦାହରଣ ସମୂହର ବ୍ୟବହାର ଅଟେ । କୌଣସି ଖେଳ ଘଟଣାରେ ଭିଡ ହେବା ସମୟରେ ଏକ ବ୍ୟକ୍ତି ଅନ୍ୟ ଜଣକର ବ୍ୟବହାରକୁ ଦେଖି ତାଳିମାରିଥାଏ, ବେଳେ ବେଳେ ଭିଡ ସମୟରେ ବହୁତ ବ୍ୟକ୍ତି ଜାଣନ୍ତି ନାହିଁ ଯେ ସେ ଏପରି ବ୍ୟବହାର କାହିଁକି କରେ । ଏକ ଶିକ୍ଷକ ଭାବରେ ଆପଣ ଶ୍ରେଣୀରେ କୋମଳମତି ପିଲାଙ୍କ ସକାରାତ୍ମକ ଓ ସାମାଜିକ ଗ୍ରହଣୀୟ ବ୍ୟବହାର ହାସଲ ହେବା ପାଇଁ କଣ କରିପାରିବେ ? ତେବେ ଆସନ୍ତୁ ଆପଣ ନିମ୍ନରେ ଦିଆଯାଇଥିବା କାର୍ଯ୍ୟ କରିପାରିବେ ।

- ପିଲାମାନଙ୍କ ସମ୍ମୁଖରେ ଆପଣ ବି ଜଣେ ଆଦର୍ଶ ହୁଅନ୍ତୁ । ଆପଣଙ୍କ ସକାରାତ୍ମକ ଅଭ୍ୟାସ ଯଥା ସ୍ୱଚ୍ଛତା, ସମୟାନୁବର୍ତ୍ତିତା, ବିଶ୍ୱାସ ଓ ସୁନ୍ଦରତା ଆଦି ସମସ୍ତ ପିଲାଙ୍କୁ କହିବା ପାଇଁ ଶିଖାଇବା, ଅନୁକରଣ କରିବା ପାଇଁ ପ୍ରଭାବଶାଳୀ ହୋଇଥାଏ ।

- କେବେ ହେଲେ ଆପଣ ନିଜର ଦୁର୍ବଳତା ପିଲାଙ୍କୁ ଦେଖାଇବେ ନାହିଁ ।
- ଯେତେବେଳେ ପିଲାମାନଙ୍କୁ ଇତିହାସ, ସାମାଜିକ ବିଜ୍ଞାନ, ସାହିତ୍ୟ ଓ କାହାଣୀ କହିବା ଆଦି ପଢାଇଥାଆନ୍ତି । ସବୁବେଳେ ମହତ୍ତ୍ୱପୂର୍ଣ୍ଣ ଚରିତ୍ରର ଦୃଷ୍ଟି ଆକର୍ଷଣ କରନ୍ତୁ ।

- ଯଦି କୌଣସି ପିଲା ସକାରାତ୍ମକ ବ୍ୟବାହର ଦେଖାଇଥାଏ, ତାହାକୁ ଚିହ୍ନିବାକୁ ଚେଷ୍ଟା କରନ୍ତୁ । ତାକୁ ଉତ୍ସାହିତ କରନ୍ତୁ ।

E-୩. ଆଗ୍ରହଣୀୟ ବ୍ୟବହାରଗୁଡିକ ଦୂରେଇବା ପାଇଁ ଆପଣ ପିଲାମାନଙ୍କ ପାଇଁ କଣ କରିପାରିବେ ?

## ୧.୩.୨-ପର୍ଯ୍ୟବେକ୍ଷଣ

ପର୍ଯ୍ୟବେକ୍ଷଣ ମାଧ୍ୟମରେ ଶିକ୍ଷଣ ବ୍ୟକ୍ତିପାଇଁ ଏକ ସାଧାରଣ ବା ପ୍ରାକୃତିକ ପଦ୍ଧତି ଅଟେ । ପର୍ଯ୍ୟବେକ୍ଷଣାତ୍ମକ ଶିକ୍ଷଣ(ଏହା ମଧ୍ୟ ପରୋକ୍ଷ ଶିକ୍ଷଣ, ସାମାଜିକ ଶିକ୍ଷଣ ବା ଆଦର୍ଶ)ଏପରି ଏକ ଶିକ୍ଷଣ ଅଟେ, ଯାହା ଅନ୍ୟଦ୍ୱାରା କରାଯାଇଥିବା ବ୍ୟବହାରକୁ ଦେଖିବା ନିଜର କରିବା ବା ପରଖିବାରେ ଗ୍ରହଣ କରିବା ଆଦି ।

ପର୍ଯ୍ୟବେକ୍ଷଣାତ୍ମକ ଶିକ୍ଷଣ ପିଲାମାନଙ୍କ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ବିଧି ଅଟେ । ଯେତେବେଳେ ପିଲା ମୌଳିକ କାର୍ଯ୍ୟକଳାପ ଯଥା- ଭାଷା ଓ ସାଂସ୍କୃତିକ ସିଦ୍ଧାନ୍ତକୁ ଗ୍ରହଣ କରେ କିନ୍ତୁ ତାହା ଅନୁକରଣଠାରୁ ଭିନ୍ନ ଯେଉଁଥିରେ ପର୍ଯ୍ୟବେକ୍ଷଣ ଆଦର୍ଶ ବ୍ୟବହାର ପାଇଁ ନକଲ କରିଥାଏ ବା ପ୍ରସ୍ତୁତ କରିଥାଏ । ପର୍ଯ୍ୟବେକ୍ଷାଣାତ୍ମକ ଶିକ୍ଷଣରେ ଆମେ କେବଳ କିଛି କାର୍ଯ୍ୟକୁ କିପରି କରିବା ଏହା ଭାବି ବିଚାରି କରୁ ଓ ଉପଲବ୍ଧ କରୁ ତାହା ନୁହେଁ । ଆମ କାର୍ଯ୍ୟର ପରିଣାମ କଣ ହେବା ଉଚିତ୍ ତାହା ମଧ୍ୟ ଦେଖିଥାଉ । ତେଣୁ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଶିକ୍ଷଣ ନମୁନାର ବ୍ୟବହାର ଉପରେ ନୂତନ ବ୍ୟବହାର ପ୍ରଦର୍ଶନ କରିବା ।

Bandura(1977)ଙ୍କ ଅନୁସାରେ ନିମ୍ନରେ ପ୍ରଦତ୍ତ ବିଶେଷ ପ୍ରକ୍ରିୟା ଅବଲୋକନ ବ୍ୟବହାର ସହିତ ଜଡିତ ।

***ଧ୍ୟାନ ପ୍ରକ୍ରିୟା-*** ଆମେ ନମୁନାର ପୂରା ଉପଯୋଗକୁ ନକଲ କରି ନଥାଉ । କିନ୍ତୁ ଆମେ କେତେକ ସ୍ୱତନ୍ତ୍ର ଦୃଷ୍ଟିକୋଣକୁ କେନ୍ଦ୍ରୀଭୂତ କରିଥାଏ, ଯାହା ଆମକୁ ପସନ୍ଦ ଆସେ । ଆମେ ଉପଯୋଗର ଏହି ମହତ୍ତ୍ୱପୂର୍ଣ୍ଣ ଲକ୍ଷଣଗୁଡିକୁ ଧ୍ୟାନ ଦେଇଥାଉ, ଯାହାକୁ ଆମେ ଶିଖିଥାଉ । ଉଦାହରଣ ଗୋଟିଏ ପିଲା ସୁନ୍ଦର ହସ୍ତାକ୍ଷର ଲେଖିବାକୁ ଚାହିଁଲେ ସେ ତାର ଶିକ୍ଷକଙ୍କୁ ଧ୍ୟାନ ଦିଏ । ସେ କିପରି କଲମଟିକୁ ଧରୁଛନ୍ତି ଓ ଆଙ୍ଗୁଳି ଚାଳନା କରୁଛନ୍ତି । ସେ ଶିକ୍ଷକ କିପରି ବେଶଭୂଷା ହୋଇଛନ୍ତି ବା କିପରି ଚାଲୁଛନ୍ତି ସେ ଆଡକୁ ଧ୍ୟାନ ଦେଇ ନଥାଏ ।

***ସଂଗୃହୀତ ପ୍ରକ୍ରିୟା-*** ବିଭିନ୍ନ ସୂଚନାକୁ ଏକାଠି କରିବା ମଧ୍ୟ ଶିକ୍ଷଣ ପ୍ରକ୍ରିୟାର ଏକ ବିଶେଷ ଅଂଶ । ଏହି ସଂଗୃହୀତ ପ୍ରକ୍ରିୟା କେତେଗୁଡିଏ ଉପାଦାନକୁ ପ୍ରଭାବିତ କରିଥାଏ । ଏକତ୍ରିତ ହୋଇଥିବା ସୂଚନାଗୁଡିକୁ ପରେ ପ୍ରୟୋଗ କରି କାମ କରିବା ହେଉଛି ମହତ୍ତ୍ୱପୂର୍ଣ୍ଣ ଶିକ୍ଷଣ । ଆମେ ବସ୍ତୁକୁ ପର୍ଯ୍ୟବେକ୍ଷଣ କରି ମନେ ରଖିବା ପାଇଁ କେତେକ ଚିହ୍ନକୁ ବ୍ୟବାହାର କରିଥାଉ । ସାଧାରଣତଃ ଆମେ ମନେ ରଖିବା ବା ସଂଗ୍ରହ କରିବା ପାଇଁ ଦୁଇଟି ପ୍ରକ୍ରିୟା ଆବଶ୍ୟକ କରିଥାଉ । ପ୍ରଥମେ ଆମେ ଦୃଶ୍ୟ ମାଧ୍ୟମରେ ବସ୍ତୁ ସମୂହକୁ ସଂଗ୍ରହ କରିଥାଉ ଓ ପରେ ମନ ଭିତରେ ଏହି କ୍ରିୟାଗୁଡିକୁ ଶୃଙ୍ଖଳିତ ଭାବରେ ଅଭ୍ୟାସରେ ପରିଣତ କରିଥାଉ । ଉଦାହରଣ- ଯଦି କେହି ଜାହିର୍ ଖାନ୍ ପରି ବଲ୍ ଫିଙ୍ଗିବାକୁ ଚେଷ୍ଟା କରୁଥାଏ, ତେବେ ସେ

ଟିପ୍ପଣୀ

ମନକୁ ଜାହିର୍ ଖାନ୍‌ର ବୋଲିଂର କଳ୍ପନା କରି ତାଙ୍କର ବ୍ୟକ୍ତିଗତ ରୂପ, ବଲ ଫିଙ୍ଗିବାର ଢଙ୍ଗ ଚିନ୍ତା କରେ ବା ଟିଭି ଦେଖି ନିଜକୁ ସେପରି ତିଆରି କରେ। ଏହାକୁ ନିଜ ଭିତରେ ରଖିବାକୁ ଚେଷ୍ଟା କରେ। Bandura(1977) ସୂଚିତ କରନ୍ତି- ଗୋଟିଏ ନମୁନାରୁ ଶିଖିବାର ଉତ୍ତମ ଉପାୟ ହେଲା ସଂରଚନା କରି ଓ ବାରମ୍ବାର ପର୍ଯ୍ୟବେକ୍ଷଣ କରିଥିବା ବ୍ୟବହାରଗୁଡ଼ିକ ବୌଦ୍ଧିକ ସ୍ତରରେ(ମନ ମଧ୍ୟରେ ଉପଯୁକ୍ତ ଭାବନା ସାହାର୍ଯ୍ୟରେ) ଆଣି କାର୍ଯ୍ୟରେ ଲଗାଇବା।

***ଗତି ପ୍ରଦାୟକ ପ୍ରକ୍ରିୟା-*** ଦୃଶ୍ୟକୃତିର ଅଭ୍ୟାସ ଦ୍ୱାରା ଉପଲବ୍ଧ ବ୍ୟବହାରକୁ ସ୍ମରଣ କରିବା ପରେ ଶାରୀରିକ କାର୍ଯ୍ୟ ରୂପେ ବ୍ୟବହାରର ପରିବର୍ତ୍ତନ ହୋଇଥାଏ। ଏଥିପାଇଁ ଜଣେ ଦୁଇଟି କଥା ଦରକାର କରେ। ଯଦି ଜଣେ ତେନ୍ଦୁଲକର ପରି ବ୍ୟାଟ୍ସମ୍ୟାନ ହେବାକୁ ଚେଷ୍ଟା କରେ ପ୍ରଥମତଃ ବ୍ୟାଟ୍ସମ୍ୟାନ୍ ହେବା ପାଇଁ ଶାରୀରିକ କ୍ଷମତା ଆବଶ୍ୟକ। ଯଦି ଜଣେ ଖୁବ୍ ଦୁର୍ବଳ, ସେ ସଚିନ୍ ତେନ୍ଦୁଲକରଙ୍କ ପରି ସମାନ ବ୍ୟାଟିଂ କରିବା ସମ୍ଭବ ନୁହେଁ। କାରଣ ତା ପକ୍ଷରେ ବଲ ଫିଙ୍ଗିବା ଓ ତେନ୍ଦୁଲକରଙ୍କ ପରି ବ୍ୟାଟ୍ ବୁଲାଇବା ଖୁବ୍ କଠିନ।

- ଶିକ୍ଷଣ ଉପଲବ୍ଧକୁ କ୍ରିୟାନ୍ୱିତ କରିବାର ଦ୍ୱିତୀୟ ଦୃଷ୍ଟିକୋଣ ହେଉଛି କାର୍ଯ୍ୟର ଅନୁକ୍ରମଗୁଡ଼ିକୁ ବାସ୍ତବରେ ଅଭ୍ୟାସ କରିବା। ଦୃଶ୍ୟାକୃତିର କଳ୍ପନା ଓ ମନରେ ରୂପ ନେଇ ଅଭ୍ୟାସ କରିବା ମଧ୍ୟ ଶିକ୍ଷଣ ପାଇଁ କର୍ତ୍ତାକୁ ଏହି କାର୍ଯ୍ୟକୁ ପ୍ରଦର୍ଶନ ସ୍ୱାଭାବିକ ବନାଇବାରେ ସହଯୋଗୀ ହୁଏ ନାହିଁ। ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ଧାରାବାହିକ ଭାବେ ଅଭ୍ୟାସ କରିବା ପୃଷ୍ଠପୋଷଣ ଓ ପ୍ରତ୍ୟେକ ଅଭ୍ୟାସର ଭୁଲ୍‌କୁ ସଜାଡ଼ିବା ଆବଶ୍ୟକ ଅଟେ।

***ପ୍ରରୋଚିତ(Motivational) ପ୍ରକ୍ରିୟା-*** ଆପଣ ବହୁବାର ଏପରି ପିଲାଙ୍କୁ ଦେଖିଥିବେ ଯେ ସେମାନେ ଅନ୍ୟ ପିଲାକୁ ଦେଖିକରି ବହୁ କିଛି ଭଲ ଭାବରେ ଶିଖିଥାନ୍ତି। ସବୁ ସୋପାନଗୁଡ଼ିକୁ ବୁଝାଇପାରନ୍ତି ଓ ତାହାକୁ ଖୁବ୍ ସନ୍ତୋଷଜନକ ଭାବରେ କରିଥାଆନ୍ତି। କିନ୍ତୁ ଯେତେବେଳେ ଆବଶ୍ୟକ ହୁଏ ବା ଅନ୍ୟ କୌଣସି ସମୟରେ ସେହି କାର୍ଯ୍ୟ କରିବାକୁ କହିଲେ ସେ କରିପାରେ ନାହିଁ। ଏପରି ପରିସ୍ଥିତିରେ ସମୁଚିତ ପ୍ରେରଣାର ଅଭାବ ହୁଏ କି ? ପିଲାଟିକୁ କୌଣସି କାର୍ଯ୍ୟ କରିବାକୁ ବିଶେଷ ଭାବରେ ସ୍ୱ-ପ୍ରେରଣା ଆବଶ୍ୟକତା ହୋଇଥାଏ।

ସାରାଂଶ ଭାବରେ ଆମେ କହିପାରିବା ପର୍ଯ୍ୟବେକ୍ଷଣାତ୍ମକ ଶିକ୍ଷଣ ନମୁନା ପର୍ଯ୍ୟବେକ୍ଷଣରୁ ଆରମ୍ଭ ହୋଇଥାଏ ଓ ତାହା ନମୁନା ପ୍ରଦର୍ଶନର ସମାନତା ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ନିମ୍ନରେ ଦିଆଯାଇଥିବା ୪ଟି ପ୍ରକ୍ରିୟା ଦେଇ ଗତି କରେ।

**କ)** ପର୍ଯ୍ୟବେକ୍ଷକ ଶିକ୍ଷାର୍ଥୀ ଓ ଶିକ୍ଷଣ ପ୍ରକ୍ରିୟାରେ ନିଶ୍ଚିତ ଧ୍ୟାନ ଦେବା ଆବଶ୍ୟକ

**ଖ)** ପର୍ଯ୍ୟବେକ୍ଷକ ବୌଦ୍ଧିକ ସ୍ତରରେ, ପର୍ଯବେଶିତ ବ୍ୟବହାର ପ୍ରଦର୍ଶନ ଓ ପୁନଃ ନିର୍ମାଣ କରିବା ଦରକାର।

ଗ) ପର୍ଯ୍ୟବେକ୍ଷକ ନିଶ୍ଚିତ ଭାବେ ଉପଲବ୍ଧ କରିଥିବା ବ୍ୟବହାରର ମାର୍ଜିତ କରିବା ଓ ପୁନଃ ନିର୍ମାଣ କରିବା ଆବଶ୍ୟକ, ଯଦି ସେ ଉପଯୁକ୍ତ ଭାବେ ସକ୍ଷମ ଅଟେ।

ଘ) ପ୍ରଦର୍ଶକଙ୍କୁ ସମୁଚିତ ପ୍ରେରକ ପରିସ୍ଥିତି ମଧ୍ୟରେ ଶିଖିଥିବା ବ୍ୟବହାର ପ୍ରଦର୍ଶନ କରିବା ଆବଶ୍ୟକ।

E-୪ ପର୍ଯ୍ୟବେକ୍ଷଣାତ୍ମକ ଶିକ୍ଷଣ ପାଇଁ ଶିକ୍ଷକ ଭାବରେ ଆପଣଙ୍କ ଶିକ୍ଷାର୍ଥୀ ସାହାଯ୍ୟ କରିବାକୁ ହେଲେ ଆପଣଙ୍କର ଭୂମିକା କଣ ହେବା ଦରକାର ?

**ମତାମତ ଦିଅନ୍ତୁ**

E-୫ ପର୍ଯ୍ୟବେକ୍ଷଣାତ୍ମକ ଶିକ୍ଷଣ ଦର୍ଶାଇବା ପାଇଁ ଆପଣଙ୍କ ଶିକ୍ଷାର୍ଥୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଦୁଇଟି ଶିକ୍ଷଣ ତତ୍ତ୍ୱର ବ୍ୟାଖ୍ୟା କର।

## ୧.୩.୩- ପ୍ରଯତ୍ନ ଓ ପ୍ରମାଦ

ଆସନ୍ତୁ ଦେଖିବା ଗୋଟିଏ ପିଲା ସାଇକେଲ୍ ଚଢିବା ଶିଖୁଛି। ସାଇକେଲ ଚଢିବାରେ ପୂର୍ଣ୍ଣତା ଆଣିବା ପାଇଁ କେବଳ ଗୋଟିଏ ଥର ଚେଷ୍ଟା କଲେ ହୁଏ ନାହିଁ। ପିଲାଟି ଏହି କୌଶଳରେ ନିପୁଣତା ହାସଲ କରିବା ପାଇଁ ଅନେକ ଥର ଅଭ୍ୟାସ କରିଥାଏ। ପ୍ରଥମ ଥରରେ ପିଲାଟି ଅନେକ ତ୍ରୁଟି କରିଥାଏ। ଧୀରେ ଧୀରେ ତ୍ରୁଟି କମ୍ ହୋଇଥାଏ। ପିଲାଟି କୌଣସି ଏକ ସ୍ୱତନ୍ତ୍ର କାର୍ଯ୍ୟ ବା ସମସ୍ୟା ହାସଲ ପାଇଁ ବହୁବାର ଚେଷ୍ଟା କରେ ଓ ଶେଷରେ ସଫଳତା ହାସଲ କରିଥାଏ।

ଯେବେ କୌଣସି ବ୍ୟକ୍ତି ଏକ କଷ୍ଟକର ସମସ୍ୟାର ସମ୍ମୁଖୀନ ହୋଇଥାଏ ଯେଉଁଥିରେ କି ତା ପାଖରେ କୌଣସି ପ୍ରସ୍ତୁତ ସମାଧାନର ବାଟ ନଥାଏ। ତେବେ ସେ ଅନେକ ପ୍ରକାରର ସମାଧାନ କରିବାରେ ବ୍ୟସ୍ତ ରହେ, ଯେ ପର୍ଯ୍ୟନ୍ତ କୌଣସି ସନ୍ତୋଷଜନକ ସମାଧାନ ମିଳି ନଥାଏ। ଅନ୍ୟପ୍ରକାରରେ ପ୍ରଯତ୍ନ ଏବଂ ତ୍ରୁଟି ମାଧ୍ୟମରେ ସେହି ସମସ୍ୟାଗୁଡିକର ସମାଧାନ ହୋଇଯାଏ। ଜଣେ ଆମେରିକାନ୍ ମନସ୍ତତ୍ତ୍ୱବିତ୍ E.L.Thorndike, 1913 ମସିହାରେ ପଶୁମାନଙ୍କ ଉପରେ ମୁଖ୍ୟତଃ ବିଲେଇ ଉପରେ ପର୍ଯ୍ୟାୟ କ୍ରମେ ଅନେକ ପରୀକ୍ଷା କରିଥିଲେ। ସବୁଠାରୁ ପ୍ରସିଦ୍ଧ ପରୀକ୍ଷା କରି ସେ କହିଥିଲେ, ଗୋଟିଏ ଭୋକିଲା ବିରାଡିକୁ ଯନ୍ତା ଭିତରେ ରଖି ଖାଦ୍ୟ(ମାଛ) ବାହାରେ ରଖିଲେ ବିରାଡିକୁ ଯନ୍ତା ଭିତରେ ଥିବା ଗୋଟିଏ ଲିଭରକୁ ଚାପ ପକାଇ ଦେଲେ ପଦାକୁ ବାହାରି ଆସିବ ଓ ମାଛ ମଧ୍ୟ ପାଇପାରିବ। ଏଥିପାଇଁ ସେ ତାକୁ ଅନେକ ଅନାବଶ୍ୟକ ଭାବରେ ଯିବା ଆସିବା କରିବାକୁ ପଡିଲା। ଶେଷରେ ତା ପାଦ ଲିଭରରେ ଚାପି ଦେବାରୁ ସେ ବାହାରକୁ ବାହାରି ଆସିଲା। ବିଲେଇଟି ଲକ୍ଷ୍ୟହୀନ ଭାବରେ ବୁଲୁଥିଲା ଓ ଧୀରେ ଧୀରେ ବୁଲିବା ତାର କମିଗଲା। କେବଳ ଥରେ ମାତ୍ର ଲିଭରକୁ ଛୁଇଁବାରୁ ସେ ପଦାକୁ ବାହାରି ଆସିଲା। ଏହି ପରୀକ୍ଷା ଦ୍ୱାରା Thorndike ନିମ୍ନଲିଖିତ ୩ଟି ନିୟମ ବାହାର କରିଥିଲେ।

- ***ଅଭ୍ୟାସର ନିୟମ:-*** ଯେକୌଣସି କାର୍ଯ୍ୟକୁ ବାରମ୍ବାର କରିବା ଦ୍ୱାରା ଲମ୍ବା ସମୟ ପର୍ଯ୍ୟନ୍ତ ମନେ ରହିଯାଏ । ଏଥିରେ ମଧ୍ୟ ଦୁଇଟି ନିୟମ ଅଛି । ଉପଯୋଗ କରିବାର ନିୟମ ଓ ଉପଯୋଗ ନ କରିବାର ନିୟମ । ପ୍ରଥମଟି ଉଦ୍ଦୀପକ କ୍ଷମତା ସହିତ ସମ୍ବନ୍ଧୀତ ଅଟେ ଓ ପ୍ରତିକ୍ରୀୟାକୁ ବାରମ୍ବାର କରିବାର ସମ୍ବନ୍ଧୀୟ ଅଟେ । ଦ୍ୱିତୀୟଟି ପ୍ରଥମର ବିପରୀତ ନିୟମ ଯଥା ସମ୍ବନ୍ଧ ଦୁର୍ବଳ ହୋଇଯାଏ । ଯଦି ବ୍ୟବହୃତ ହୁଏନାହିଁ ।

- ***ପ୍ରଭାବର ନିୟମ:-*** ବିଭିନ୍ନ ପ୍ରତିକ୍ରିୟା ମଧ୍ୟରୁ ଏହି ପ୍ରତିକ୍ରିୟା କରିବାର ଆନନ୍ଦ ବା ସୁଖ ଅନୁଭୂତି ହୋଇଥାଏ ଏବଂ ଏହା ଶୀଘ୍ର ଶିଖି ହୋଇଯାଏ । ଏହି ପ୍ରତିକ୍ରିୟା ଯେଉଁଥିରେ ଦୁଃଖ ପ୍ରାପ୍ତ ହୁଏ ତାହା ଶୀଘ୍ର ଭୁଲି ହୋଇଯାଏ । ଯେଉଁ ବ୍ୟବହାରର ପରିଣାମ ସୁଖଦାୟକ ହୋଇଥାଏ ତାହାକୁ ନିଜର କରିହୁଏ । ଏହି ସ୍ଥିତି ପୁରସ୍କାର ବା ପ୍ରଶଂସାର ଭୂମିକା ଆଦି ପାଇବାରେ ବ୍ୟବାହର ସକାରାତ୍ମକ ହୁଏ । ଦଣ୍ଡ ଓ ଶାନ୍ତି ଆଦି ବ୍ୟବହାରରେ ବିପରୀତ ପ୍ରଭାବ ଆଣିଥାଏ ।

- ***ତତ୍ପରତାର ନିୟମ:-*** ପ୍ରଭାବଶାଳୀ ଶିକ୍ଷଣ ସେତେବେଳେ ହୁଏ ଯେତେବେଳେ ପିଲାଟି ଶିକ୍ଷଣ ନିମନ୍ତେ ପ୍ରସ୍ତୁତ ହୋଇଥାଏ । ଏହି ନିୟମର ଶୈକ୍ଷିକ ଉପଯୋଗିତା ସ୍ପଷ୍ଟ ଅଟେ । ଗୋଟିଏ ପିଲା ଯିଏ କୌଣସି ବିଶେଷ ପ୍ରକାର ଶିକ୍ଷଣ ପାଇଁ ପ୍ରସ୍ତୁତ ଅଛି ସେ ଅନ୍ୟ ଜଣେ ଯିଏ ପ୍ରସ୍ତୁତ ନାହିଁ ତା'ଠାରୁ ଅଧିକ ଶିକ୍ଷଣ ଅନୁଭୂତିର ଲାଭ ଉଠାଇଥାଏ । ଆମେ ଆଗରୁ ଏହି ଅଧ୍ୟାୟରେ ଶିକ୍ଷଣ ପାଇଁ ପ୍ରସ୍ତୁତର ବିଶେଷତ୍ୱ ଓ ପିଲାମାନଙ୍କର ପ୍ରସ୍ତୁତିରେ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିସାରିଛେ ।

Thorndikeଙ୍କ ଦ୍ୱାରା ଶିକ୍ଷଣର ଏହିସବୁ ନିୟମ ଶ୍ରେଣୀରେ ଅଭ୍ୟାସ ପାଇଁ ଖୁବ୍ ପ୍ରଭାବ ପକାଇଥାଏ ଯଦିଓ ଅନେକ ଗବେଷଣାରେ ଏହି ନିୟମର କେତେକ ନିର୍ଦ୍ଦିଷ୍ଟ ସୀମା ରହିଛି ।

E-୬ ଶିକ୍ଷକ ହିସାବରେ ଶିକ୍ଷଣର ପ୍ରଯତ୍ନ ଓ ପ୍ରମାଦ ପଦ୍ଧତି ବିଚାରକୁ ନେଇ ଆପଣଙ୍କ ଅନୁଭୂତିରୁ ଗୋଟିଏ ଉଦାହରଣ ଦିଅ

## ୧.୩.୪- ସହଭାଗିତା:-

କରୁ କରୁ ଶିଖିବା ବା ସହଭାଗିତା ଶିକ୍ଷଣ ଅର୍ଥପୂର୍ଣ୍ଣ ଶିକ୍ଷଣ ପାଇଁ ହେଉଛି ଏକ ପ୍ରଭାବଶାଳୀ ମାର୍ଗ । ନିଜେ କାମ କରିବା ଫଳରେ ଜୀବନର ପ୍ରକୃତ ସମସ୍ୟା ସମାଧାନ କରିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ । ଏହି ନିୟମ ସ୍ୱ-ଶିକ୍ଷଣ ଓ ସ୍ୱ-ନିର୍ଦ୍ଧାରିଣରେ ବଳ ପ୍ରୟୋଗ କରିଥାଏ, ଯାହାକି ଶିକ୍ଷଣ ପ୍ରକ୍ରିୟାର ଶେଷ ଲକ୍ଷ୍ୟ । କିନ୍ତୁ ଶ୍ରେଣୀ ପରିସ୍ଥିତିରେ ସବୁବେଳେ ବ୍ୟକ୍ତିଗତରୁ କାର୍ଯ୍ୟ କରାଯାଇପାରେ ନାହିଁ । ସେଥିପାଇଁ ଛାତ୍ରଛାତ୍ରୀମାନଙ୍କୁ ଛୋଟ ଛୋଟ ଦଳରେ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିବା ଦ୍ୱାରା ଶିକ୍ଷଣ ପରିଣାମ ଲାଭଦାୟକ ହୋଇଥାଏ । ଗବେଷଣାରୁ ଦେଖାଯାଏ ଅଧିକ ଛାତ୍ର ଛୋଟ ଛୋଟ

ଦଳରେ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟ କଲେ ଭଲ ପରିଣାମ ମିଳେ। ଶ୍ରେଣୀରେ ଦଳଗତ କାର୍ଯ୍ୟ ପାଇଁ ଯେତେ ଅଧିକ ସୁଯୋଗ ଦିଆଯାଏ, ସେତେ ଅଧିକ ସହଭାଗିତା ପିଲାମାନଙ୍କଠାରୁ ଆଶା କରାଯାଇଥାଏ। ଶିକ୍ଷଣକୁ ତ୍ୱରାନ୍ୱିତ କରିବା ପାଇଁ ସହଭାଗିତାର କଣ ଉପକାର ହୋଇଥାଏ, ଆସନ୍ତୁ ଆଲୋଚନା କରିବା:-

**କ)** ସଂପୃକ୍ତ ପରିସ୍ଥିତିରେ ସକ୍ରିୟ ଓ ଅର୍ଥପୂର୍ଣ୍ଣ ଶିକ୍ଷଣ।

**ଖ)** ଜଣେ ଅନ୍ୟ ଜଣକ ସହ ନିଜର ଅନୁଭୂତିକୁ ବାଣ୍ଟିବା।

**ଗ)** କୌଣସି କାର୍ଯ୍ୟକୁ ସଫଳତାର ସହ ସମ୍ପୂର୍ଣ୍ଣ କରିବା ପାଇଁ ସମ୍ମିଳିତ ସାଧନକୁ ଆକର୍ଷିତ କରିବା।

**ଘ)** ଅନୁସନ୍ଧାନ କରିବା, ତର୍କବିତର୍କ କରିବା ଓ ସମସ୍ୟା ସମାଧାନ ପାଇଁ ଅଭିନବ ଓ ବିକଳ୍ପ ବାହାର କରିବା

**ଙ)** ସାମାଜିକ ଗୁଣର ବିକାଶ କରିବା ଯେପରି ସହାୟତା କରିବା, ବାଣ୍ଟିବା, ସହାନୁଭୂତିଶୀଳତା ଏବଂ ଦାୟିତ୍ୱ ଗ୍ରହଣ ଆଦି।

**ଚ)** ବ୍ୟକ୍ତିଗତ ଗୁଣର ବିକାଶ ଯେପରି ଆତ୍ମବିଶ୍ୱାସ, ଆତ୍ମ ସମ୍ମାନ ପ୍ରଶ୍ନ ପଚାରିବାର ସାହସ। ଦଳୀୟ କାର୍ଯ୍ୟକ୍ରମରେ ସହଭାଗିତା ବିଚାର କଲେ ଏହାର ଶିକ୍ଷଣ ଉପରେ ଏକ ସକାରାତ୍ମକ ପ୍ରଭାବ ଥାଏ। ପ୍ରକୃତ ପରିସ୍ଥିତିରେ ସମସ୍ତ ଛାତ୍ର କେବେ ହେଲେ ଦଳର ସମସ୍ତ କାର୍ଯ୍ୟରେ ସମାନ ଭାବରେ ଅଂଶହ୍ରହଣ କରି ନଥାନ୍ତି। ତେବେ ଆପଣ ଶ୍ରେଣୀ କାର୍ଯ୍ୟରେ ଛାତ୍ରମାନଙ୍କର ଅଂଶଗ୍ରହଣସ୍ତରକୁ ବଢାଇବା ପାଇଁ କଣ କରିପାରିବେ ? ଆପଣ ନିମ୍ନ ସୂଚିତ ଉଦାହରଣକୁ ବିଚାର କରନ୍ତୁ।

**ଛ)** ଆଦର୍ଶ ଭାଗିଦାରୀ ବଢାଇବାର ଏହା ଉଦ୍ଦେଶ୍ୟ ନୁହେଁ ଯେ ପ୍ରତ୍ୟେକ ଶିକ୍ଷାର୍ଥୀ ସମାନ ଭାବରେ ବା ସମାନ ପରିମାଣରେ ଅଂଶଗ୍ରହଣ କରିବେ। ପରନ୍ତୁ ଏପରି ଏକ ପରିବେଶ ସୃଷ୍ଟି କରିବା ଦରକାର ଯେଉଁଥିରେ ସମସ୍ତ ଭାଗିଦାରୀଙ୍କୁ ଶିଖିବାର ସୁଯୋଗ ଦିଆଯାଉଥିବ ଓ ସମସ୍ତେ ମିଳିମିଶି ଘଟଣା ବା ସମସ୍ୟାର ଗଭୀରତାରୁ ବା ବିଭିନ୍ନ ଦୃଷ୍ଟିକୋଣରୁ ଶିଖିପାରିବ।

ଶ୍ରେଣୀରେ ବିଭିନ୍ନ ପ୍ରକାରର ଛାତ୍ର ରହିଥାନ୍ତି। ଉଦାହରଣସ୍ୱରୂପ କେତେକ ଛାତ୍ର ଶ୍ରେଣୀରେ କଥା କୁହନ୍ତି ନାହିଁ। ପ୍ରାୟତଃ ଧ୍ୟାନଶୀଳ ପିଲାମାନଙ୍କର ମନ ଭିତରେ ବିକଶିତ ହୋଇଥିବା ଅନେକ ବିଚାର ଓ ପ୍ରଶ୍ନ ରହିଥାଏ। ଅନ୍ୟ କେତେକ ପିଲା ଲଜ୍ଜାଶୀଳ ହୋଇଥାଆନ୍ତି ସେମାନେ ଦଳରେ ସମସ୍ତଙ୍କ ସାମ୍ନାରେ କହିବାକୁ ସଙ୍କୋଚ କରିଥାନ୍ତି। ବହୁତ ଛାତ୍ର ଯେଉଁମାନେ ପ୍ରାୟ ସ୍ୱୟଂସେବୀ ହୋଇ ଭାଗ ନେଇଥାନ୍ତି। ଏମାନେ ହେଲେ କ୍ରିୟାଶୀଳ ଛାତ୍ର। ସେମାନେ ମହିବା ପୂର୍ବରୁ ଗଭୀର ଭାବରେ ଚିନ୍ତା କରନ୍ତି। ତେଣୁ ଏପରି ପରିସ୍ଥିତି ସୃଷ୍ଟି କରିବା ଦରକାର, ଯେଉଁଥିରେ ଛାତ୍ରମାନେ ବିଭିନ୍ନ ଶିକ୍ଷଣ ଉପଲବ୍ଧ ଓ ବ୍ୟକ୍ତିତ୍ୱରେ ସମ୍ମିଳିତ କରିବାକୁ ଯୋଗ୍ୟ ବିବେଚିତ ହେବେ ଏବଂ ସେଥିପାଇଁ ଆପଣଙ୍କୁ ଅଧିକରୁ ଅଧିକ ଆଗେଇବାକୁ ପଡିବ। ଶାନ୍ତ ପିଲାମାନଙ୍କୁ କହିବାକୁ ଉତ୍ସାହିତ କରିବା, ଅଧିକା କଥା କୁହାଳିଆ ପିଲାଙ୍କୁ ଅଟକାଇ ଅନ୍ୟ ପିଲାମାନଙ୍କୁ ସୁଯୋଗ ଦେବା ଉଚିତ୍।

ଟିପ୍ପଣୀ

କ) ଛାତ୍ରମାନଙ୍କୁ ସାମୂହିକ ଆଲୋଚନା ପାଇଁ ପ୍ରଶିକ୍ଷଣ ବା ସହାୟତା ନେବାର ଆବଶ୍ୟକତା ରହିଛି । ସେଥିପାଇଁ ଆପଣଙ୍କର ଦରକାର-

- ପିଲାମାନେ ନିଜ ନିଜ ଭିତରେ କିପରି ପ୍ରତିକ୍ରିୟା କରିବେ ଆପଣ ଯେପରି ଚାହାନ୍ତି ତାହାର ନମୁନା ।
- ପିଲାମାନଙ୍କୁ ନିଜ ଭାଷାରେ କଥାବାର୍ତ୍ତାକୁ ପ୍ରଭାବିତ କରିବା ପାଇଁ କିଛି ନିୟମ ନିର୍ଦ୍ଧାରିତ କରିବା
- ଯଦି ମିଳିମିଶି କାମ କରିବାର ସୁଯୋଗ ପ୍ରଦାନ କରିବା ଯାହାଦ୍ୱାରା ସବୁ ପିଲାମାନେ ସକ୍ରିୟ ଭାଗ ନେବେ ।
- ପିଲାଙ୍କ ସହଭାଗିତାକୁ ବଢାଇବା ପାଇଁ ନିମ୍ନଲିଖିତ ସାମୂହିକ କ୍ରିୟା ମିଳିମିଶି କରିବା ଆବଶ୍ୟକ ।
- ପ୍ରଶ୍ନ ପଚାରିବା
- ସାଥୀମାନଙ୍କଠାରୁ ସବୁବେଳେ ସକ୍ରିୟ ଭାବରେ ସହାୟତା ନେବା
- ବିସ୍ତୃତ ଭାବରେ ସାହାଯ୍ୟ ପ୍ରଦାନ
- ଯାଞ୍ଚ କରନ୍ତୁ ଯେଉଁ ସହାୟତା ପ୍ରଦାନ କରାଯାଇଛି ତାହା ଗ୍ରହଣକାରୀଙ୍କର ବୁଝିବା ଦରକାର

## E-୭ ଏକ କ୍ରିୟାଶୀଳ ଶିକ୍ଷାର୍ଥୀର ଦୁଇଟି ମୌଳିକ ଗୁଣ ବ୍ୟାଖ୍ୟା କରନ୍ତୁ

## ୧.୩.୫- ଆବିଷ୍କାର ଓ ଅନୁସନ୍ଧାନ ଦ୍ୱାରା ଶିକ୍ଷଣ

ଆବିଷ୍କାରତ୍ମକ ଶିକ୍ଷଣ ଏକ ପଦ୍ଧତି, ଯାହା ଅନୁସନ୍ଧାନମୂଳକ ନିର୍ଦ୍ଦେଶ ପରିବେଷ୍ଟିତ । Jerome Bruner(1960) ଙ୍କୁ ଆବିଷ୍କାରତ୍ମକ ଶିକ୍ଷଣର ଜନ୍ମଦାତା ଭାବେ ଗ୍ରହଣ କରାଯାଇଛି । ସେ ଯୁକ୍ତି କରନ୍ତି ଯେ 'ନିଜ ପାଇଁ ଆବିଷ୍କାରରେ ଅଭ୍ୟାସ ହିଁ ସୂଚନାଗୁଡିକୁ ପ୍ରାପ୍ତ କରିବାକୁ ଏପରି ଢଙ୍ଗରେ ଶିଖାଇଥାଏ । ଯେଉଁଥିରେ ଠିକ୍ ଭାବରେ ସମସ୍ୟା ସମାଧାନ କରିବାକୁ ସାହାଯ୍ୟ ମିଳିଥାଏ ।' ଅନୁସନ୍ଧାନମୂଳକ ଶିକ୍ଷଣ ଏପରି ସମସ୍ୟା ସାମାଧାନ ପରିସ୍ଥିତିରେ ହୋଇଥାଏ, ଯେଉଁଥିରେ ଛାତ୍ର ନିଜର ଅନୁଭୂତି ବା ପୂର୍ବଜ୍ଞାନକୁ ଆଧାର କରିଥାଏ । ଏହା ଏକ ନିର୍ଦ୍ଦେଶମୂଳକ ପଦ୍ଧତି ଅଟେ ଯଦ୍ୱାରା ଛାତ୍ର ନିଜର ଅନିସନ୍ଧିସୁ ମନୋଭାବ ଓ ବସ୍ତୁକୁ କୌଣସି ଭାବରେ ପରିଚାଳନା କରି ଓ ଅନୁଭୁତିକୁ ପ୍ରୟୋଗ କରି ପରିବେଶ ସହିତ ପ୍ରତିକ୍ରିୟା କରିଥାଏ । ଏହି ବିଧିରେ ଶିକ୍ଷାର୍ଥୀମାନେ ସକ୍ରିୟ ଭାବରେ ନିୟମ ସିଦ୍ଧାନ୍ତକୁ ବୁଝିଶୁଝି ପ୍ରୟୋଗ କରି ଓ ଉପଲବ୍ଧକୁ ସ୍ୱତଃସ୍ଫୁର୍ତ୍ତ ଭାବେ ଅର୍ନ୍ତଦୃଷ୍ଟି ଦେଇ ନିଜର ବୁଦ୍ଧିର ବିକାଶ କରିଥାଏ ଓ ନିଜସ୍ୱ ସମ୍ବନ୍ଧ ଯୋଡିବା ପାଇଁ ସଂଗଠନ ଆୟୋଜନ କରିଥାଏ । ନିମ୍ନଲିଖିତ ସିଦ୍ଧାନ୍ତ ଉପରେ ଏହି ପଦ୍ଧତି ନିର୍ଭର କରେ ।

- କ୍ରିୟାତ୍ମକ ସିଦ୍ଧାନ୍ତ
- ତର୍କପୂର୍ଣ୍ଣ ଭାବନାର ସିଦ୍ଧାନ୍ତ
- ଜ୍ଞାତରୁ ଅଜ୍ଞାତକୁ ଯିବାର ସିଦ୍ଧାନ୍ତ
- ଉଦ୍ଦେଶ୍ୟପୂର୍ଣ୍ଣ ଅନୁଭବର ସିଦ୍ଧାନ୍ତ
- ବିକଳ୍ପ ଅନୁସନ୍ଧାନର ସିଦ୍ଧାନ୍ତ

ଅନୁସନ୍ଧାନ ଦ୍ୱାରା ଶିକ୍ଷଣରେ ଶିକ୍ଷକ ସମସ୍ୟା ତିଆରି କରେ। ସମାଧାନ ପାଇଁ ସହାୟତା କରେ, ପିଲାଙ୍କୁ ନିଜ ପାଇଁ ଏକତ୍ରିତ ହୋଇ ସମସ୍ୟା ସମାଧାନ କରିବାକୁ ସମ୍ଭବ କରିଥାଏ। ଉଦାହରଣସ୍ୱରୂପ, ପୂରା ଶ୍ରେଣୀରେ ଖୋଜିବାର ପରିସ୍ଥିତି ସୃଷ୍ଟି କରେ। ଯେପରି ପିଲାମାନେ ବଗିଚାରେ ଫୁଟିଥିବା ଫୁଲର ଗୁଣ ଓ ଆକାର ବଢାଇବା ପାଇଁ ବୈଜ୍ଞାନିକର ଭୂମିକା ତିଆରି କରିଥାନ୍ତି। ଏମାନେ ସ୍ଥାନୀୟ ଉଦ୍ୟାନ ବିଦ୍ୟା (Horticulture)ବିଶେଷଜ୍ଞଙ୍କ ପାଖକୁ ଯାଇ ଫୁଲର ଗୁଣ ଓ ଆକାର ବଢାଇବା ପାଇଁ ବୈଜ୍ଞାନିକ ପଦ୍ଧତିଗୁଡିକ ପଚାରି ବୁଝିଥାନ୍ତି। କେତେକ ଶିକ୍ଷାର୍ଥୀ ବଢୁଥିବା ଫୁଲର ଗୁଣ ଓ ଆକାର ସମ୍ବନ୍ଧୀୟ ବିଭିନ୍ନ ତଥ୍ୟପୂର୍ଣ୍ଣ ବହି(brochure)ରୁ ବିଭିନ୍ନ ଉତ୍ସ ସଂଗ୍ରହ କରିଥାନ୍ତି। ସେମାନେ ଜୈବିକ(organic) ଓ ଅଜୈବିକ(Unorganic) ସାର ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରନ୍ତି ଓ ଦୋକାନକୁ ଯାଇ ଉପଯୁକ୍ତ ପରିମାଣର ଆବଶ୍ୟକୀୟ ସାର କିଣିଥାନ୍ତି। ତା' ପରେ ସେମାନେ ଜୈବିକ ଓ ଅଜୈବିକ ସାରକୁ ବିଭିନ୍ନ ଅନୁପାତରେ ମିଶାଇ ବାଛିଥିବା କେତେକ ଫୁଲ ଗଛରେ ନେଇଥାଆନ୍ତି ଓ ତାହାର ଫଳାଫଳ ଦେଖି ବଡ ଫୁଲ ଫୁଟାଇବା ପାଇଁ ଏକ ବିଶେଷ ସ୍ୱାଦ ଅନୁଭବ କରିଥାନ୍ତି। ସେମାନେ ଏହା ଦ୍ୱାରା ଏକ ସନ୍ଧାନାତ୍ମକ ଫଳ ପାଇଥାନ୍ତି। ଏହି ଉଦାହରଣରେ ଅନୁସନ୍ଧାନମୂଳକ ଶିକ୍ଷଣ ଏକ ସମୂହ ପ୍ରଚେଷ୍ଟା ଥିଲା। ଅନୁସନ୍ଧାନମୂଳକ ଶିକ୍ଷଣ ମଧ ବ୍ୟକ୍ତିଗତ ହୋଇପାରେ।

ଆପଣ ଅନୁସନ୍ଧାନମୂଳକ ଶିକ୍ଷଣ ପାଇଁ କିପରି ପ୍ରୋତ୍ସାହିତ କରିବେ ?

- ଆପଣ ନିଜ ପିଲାଙ୍କର କର୍ତ୍ତବ୍ୟ ସମ୍ପର୍କରେ ଜାଣିବାକୁ ଦେବେ ନାହିଁ। ସର୍ବଦା ଏକ ସମସ୍ୟା ସେମାନଙ୍କୁ ଦିଅନ୍ତୁ ଓ ଯେକୌଣସି ସମସ୍ୟାକୁ ଚିହ୍ନଟ କରି ଦେଖାଇବାକୁ ପ୍ରୋତ୍ସାହିତ କରନ୍ତୁ। ଯେତେବେଳେ ଆପଣ ସମସ୍ୟା ବିଷୟକୁ ଉଠାଇ ସମାଧାନ କରିବାର ପଦ୍ଧତି କହିଦିଅନ୍ତି, ଆପଣ ପିଲାମାନଙ୍କୁ ନିଜେ କରୁଥିବା କାର୍ଯ୍ୟ ଓ ଖୋଜିବାର ଉତ୍ସାହ ସ୍ରୋତରୁ ବଞ୍ଚିତ କରିଥାନ୍ତି। ଏକ ବିଦ୍ୟାର୍ଥୀର ରୂପରେ ତାହାର କ୍ଷମତା ବଢାଇବାରେ ବାଧା ସୃଷ୍ଟି କରିଥାନ୍ତି।

- ଅନୁସନ୍ଧାନ ପାଇଁ ଆପଣ ଶିକ୍ଷାଦାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିକ୍ଷାର୍ଥୀକୁ ଏପରି କାର୍ଯ୍ୟକ୍ରମରେ ବ୍ୟସ୍ତ ହେବାକୁ ଦିଅନ୍ତୁ। ଯାହାକି ବର୍ଣ୍ଣନା କରିବାକୁ ପ୍ରୋତ୍ସାହିତ କରେ, ପ୍ରଶ୍ନ ପଚାରିବା, ଅନୁଧ୍ୟାନ କରିବା, ବର୍ଗିକରଣ କରିବା, ସାମାନ୍ୟକରଣ କରିବା, ଯାଞ୍ଚ କରିବା ଓ ପୟୋଗ କରିବା ଆଦି

ଟିପ୍ପଣୀ

ପ୍ରକ୍ରିୟାର ବିକାଶ ହୁଏ।

- ଆପଣଙ୍କ ପାଠ ପିଲାମାନଙ୍କ ପ୍ରତିକ୍ରିୟାର ଆଧାରକୁ ବିକଶିତ କରିବାକୁ ହୁଏ ନା ଆଗରୁ ନିର୍ଦ୍ଧାରିତ ଏକ ତଥା କଥିତ ତର୍କପୂର୍ଣ୍ଣ ସଂରଚନା ଅଟେ। ଆପଣଙ୍କ ପାଠ ଯୋଜନାରେ ବହିର ବିଷୟ ପିଲାମାନଙ୍କର ପ୍ରତିକ୍ରିୟା ଉପରେ ଆଦାରିତ ହେବା ଆବଶ୍ୟକ। ଏଥରପାଇଁ ଭୁଲ ଉତ୍ତର, ମିଛ ଉତ୍ତର ଓ ଅନୁପଯୋଗୀ ଉତ୍ତରରେ ଆଦୌ ଅନୁଶୋଚନା କରନ୍ତୁ ନାହିଁ।

- ପିଲାମାନଙ୍କ ସଙ୍ଗେ ଆପଣଙ୍କ ଶିକ୍ଷଣ କ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ପ୍ରଶ୍ନ ପଚାରିବା ଉଚିତ୍। ପ୍ରଶ୍ନ ଦୁଇପ୍ରକାରର ଯଥା ଏକ କେନ୍ଦ୍ରାଭିମୁଖୀ (ଏକ ଉତ୍ତର ବିଶିଷ୍ଟ) ବା ବିକ୍ଷିପ୍ତ( ବହୁ ଉତ୍ତର ବିଶିଷ୍ଟ) ହେବା ଉଚିତ୍। କିନ୍ତୁ ପରବର୍ତ୍ତୀ ପ୍ରଶ୍ନ ଅଧିକ ଦରକାର ଯେହେତୁ ତାହା ଅନୁସନ୍ଧାନ କରିବାକୁ ପ୍ରବର୍ତ୍ତାଇଥାଏ। ଓ ପିଲାମାନଙ୍କୁ ଅନୁସନ୍ଧାନ ପାଇଁ ଉତ୍ସାହିତ କରେ ତଥା ମନରେ ସଫଳ ହେବାର ଅନେକ ସମ୍ଭାବନା ଆଣିଦିଏ।

- ପିଲାମାନଙ୍କୁ ବହୁ ବିକଳ୍ପ ଉତ୍ତର ଦେବା ପାଇଁ ଆପଣ ଉତ୍ସାହିତ କରିବା ଉଚିତ୍। ଏବଂ ସେମାନଙ୍କୁ କେବେ ହେଲେ ଏକା ଉତ୍ତର ନୁହେଁ ଅନେକ ଉତ୍ତର ଦେବାକୁ କୁହନ୍ତୁ। ଗୋଟିଏ କାରଣ ନୁହେଁ ଅନେକ କାରଣ ଦେବାକୁ କୁହନ୍ତୁ। ଏକ ଅର୍ଥ ପାଇଁ ନୁହେଁ, ବରଂ ଅନେକ ଅର୍ଥ ବାହାର କରିବାକୁ କୁହନ୍ତୁ। ଯଦି ଆପଣ ପିଲାଙ୍କଠାରୁ ଗୋଟିଏ ଉତ୍ତର ମାଗିବାକୁ ଚାହିଁବେ, ତେବେ ପିଲାମାନେ ଆଗକୁ ସମ୍ଭାବ୍ୟ ଉତ୍ତର ଖୋଜିବା ବନ୍ଦ କରିଦେବେ। ଫଳରେ ବୁଦ୍ଧିର ବିକାଶରେ ଅବରୋଧ ଆସିଥାଏ।

- ଆପଣଙ୍କୁ ଛାତ୍ର-ଶିକ୍ଷକ ଭାବ ବିନିମୟ ଅପେକ୍ଷା ଛାତ୍ର-ଛାତ୍ର ଭାବ ବିନିମୟ ବଢାଇବା ଦରକାର। ପାରମ୍ପରିକ ଶ୍ରେଣୀରେ ଭାବ ବିନିମୟ ପିଲାମାନେ ଶେଷକୁ ଠିକ୍ ଉତ୍ତର ଦେବା ପାଇଁ ଶିକ୍ଷକଙ୍କୁ ଚାହିଁ ରୁହନ୍ତି। ଯେତେବେଳେ ପିଲାଙ୍କୁ ଶିକ୍ଷକଙ୍କ ଆଡୁ ଠିକ୍ ଉତ୍ତର ମିଳିଯାଏ। ସେ ସମ୍ଭାବ୍ୟ ଉତ୍ତର ଖୋଜିବା ବନ୍ଦ କରିଦିଅନ୍ତି।
- ଆପଣଙ୍କୁ ପାଠର ସଫଳତା ମାପିବା ପାଇଁ ଛାତ୍ରର ଖୋଜିବା ବିଧିକୁ ବଦଳାଇ ବ୍ୟବହାର କରିବା ଦରକାର। ଯେପରି ଛାତ୍ରମାନଙ୍କର ପଚାରିବାର ମାତ୍ରା ଉପଯୁକ୍ତ ପ୍ରଶ୍ନ ପଚାରିବାର ପରିମାଣ ବଢାଇବା , ତର୍କ ସାହାଯ୍ୟରେ ଅନ୍ୟ ପିଲାଙ୍କର ଗତିକୁ ଶିକ୍ଷକଙ୍କର ପାଠ୍ୟପୁସ୍ତକ ଆଦିର ଗତିକୁ ବିଶ୍ୱାସ ପ୍ରତ୍ୟୟ କରାଇବା ଏହାର ସ୍ପଷ୍ଟତା, ଇଚ୍ଛାଶକ୍ତି ଆଦିକୁ ବଦଳାଇ ଉପଲବ୍ଧ କରାଇବା ଆହୁରି ମଧ୍ୟ ଉତ୍ତରକୁ ଠିକ୍ କରିବାର ସାହସକୁ ବଦଳାଇବା, ଅବଲୋକନ ବର୍ଗୀକରଣ ବା ସାମାନ୍ୟକରଣ ଆଦିର କୌଶଳ ବଢାଇବା ନୂଆ ଅବସ୍ଥାରେ ନିଜର ଯୋଗ୍ୟତାକୁ ବିଚାର ପ୍ରୟୋଗ କରିବା ଆଦି।

- ଆପଣ କେବେ ହେଲେ ପାଠରୁ ସମାପନ, ସାରାଂଶ ଆଦି ସଂକ୍ଷେପ ଭାବରେ ପିଲାଙ୍କ ଦେବାକୁ ଚେଷ୍ଟା କରିବେ ନାହିଁ। ଯେକୌଣସି ପ୍ରକାରର ସମାପ୍ତକରଣ ଆହୁରି ଅଧିକ ଭାବନା କରିବାର ଗତିକୁ ଶେଷ କରିଦିଏ। ତେଣୁ ପାଠକୁ ଖୋଲା ଛାଡି ଦେବେ। ଆପଣ ଏପରି ମଧ୍ୟ କରିପାରିବେ



ଟିପ୍ପଣୀ

ଯେ 'ଆମେ ବର୍ତ୍ତମାନ ଏ ପରିସ୍ଥିତିରେ ପହଞ୍ଚିଲେ ଆଗକୁ ଆହୁରି ଅନେକ କଥା ଅଛି । ଯାହାକୁ ତୁମେ ଉଚ୍ଚ ଶ୍ରେଣୀରେ ପଢ଼ିଲେ ଜାଣିବ ।'

- ଯଦି ଆପଣ ପିଲାର ଅନୁସନ୍ଧାନପୂର୍ଣ୍ଣ ମସ୍ତିଷ୍କର ବିକାଶ କରିବାକୁ ଚାହାନ୍ତି, ତେବେ ଏହା ପୂର୍ଣ୍ଣ ରୂପରେ ଆପଣଙ୍କ ଉପରେ ନିର୍ଭର କରେ । ଯଦି ଆପଣ ଏହାକୁ ନିଜର କରିବାକୁ ଚାହାନ୍ତି, ତେବେ ପୂର୍ଣ୍ଣରୂପେ ଆପଣଙ୍କ ବ୍ୟବହାର ଓ ବିଶ୍ୱାସ ଦ୍ୱାରା ଦର୍ଶାଇବାକୁ ପଡିଥାଏ । ଆପଣଙ୍କୁ ପିଲା ସହ କାମ କରିବାକୁ ପଡିଥାଏ ।

## E-୮ ଆବିଷ୍କାରମୂଳକ ଶିକ୍ଷଣର ସୂତ୍ରଗୁଡିକ କ'ଣ କ'ଣ ?

### ୧.୩.୬- ସମସ୍ୟା ସମାଧାନ

**ସ୍ଥିତି -୫**

ଶିକ୍ଷୟତ୍ରୀ ଗୀତା ଗଣିତ ଶିକ୍ଷୟତ୍ରୀ ଗୋଟିଏ ପ୍ରାଥମିକ ଶ୍ରେଣୀରେ ତ୍ରିଭୁଜର ଧାରଣା ଶିଖାଉଥିଲେ । ଶିକ୍ଷାର୍ଥୀମାନେ ଏହି ପ୍ରଶ୍ନର ଉତ୍ତର ଦେବା ପାଇଁ ସମର୍ଥ ହେଲେ ନାହିଁ ଓ ଏହା ସେମାନଙ୍କ ପାଇଁ ଏକ ସମସ୍ୟା ହୋଇଗଲା । ସେମାନେ ଏହି କାର୍ଯ୍ୟଟିକୁ ଘରକୁ ନେଇଗଲେ । ସେ ସମସ୍ୟାଟିକୁ ଭାବିଲେ ଓ ବିଭିନ୍ନ ପ୍ରକାରର ତ୍ରିଭୁଜ କୋଣ ଓ ବାହୁ ଭିତରେ ଅଙ୍କନ କଲେ । ସେମାନେ ଏକ ପରିକଳ୍ପନା ଓ ଅନୁମାନକର ଯାହା ନିମ୍ନରେ ଦିଆଯାଇଛି ।

- ପାର୍ଶ୍ୱଗୁଡିକ ସମାନ ନୁହେଁ
- ଦୁଇଟି ପାର୍ଶ୍ୱ ସମାନ
- ୩ଟି ପାର୍ଶ୍ୱ ସମାନ
- ଗୋଟିଏ କୋଣ ୯୦° ଓ ଅନ୍ୟ ଦୁଇଟି କୋଣର ସମଷ୍ଟି ୯୦°
- ଗୋଟିଏ କୋଣ ୯୦°ରୁ ଅଧିକ ଓ ଅନ୍ୟ ଦୁଇଟି କୋଣର ସମଷ୍ଟି ୯୦°ରୁ କମ୍
- ପ୍ରତ୍ୟେକ କୋଣ ୬୦°

ପ୍ରତ୍ୟେକ ଅନୁମାନ ପାଇଁ ଶିକ୍ଷାର୍ଥୀମାନେ ତ୍ରିଭୁଜ ବିଭିନ୍ନ ନାମାଙ୍କନ କଲେ । ଏହିପରି ଶିକ୍ଷାର୍ଥୀମାନେ ସମସ୍ୟା ସମାଧାନ କରିବାରେ ସମର୍ଥ ଅଟନ୍ତି ।

ଉପରୋକ୍ତ ପରିସ୍ଥିତିରେ ଏହା ପ୍ରମାଣିତ ହୁଏ ଯେ ସମସ୍ୟାକୁ ଶିକ୍ଷାର୍ଥୀ ଚିହ୍ନିବା ପାଇଁ ଶିକ୍ଷାର୍ଥୀ ପୂର୍ବ ଜ୍ଞାନର ପ୍ରୟୋଗ କରି ସମାଧାନ ପ୍ରାପ୍ତ କରେ। ସମସ୍ୟାକୁ ସ୍ୱଷ୍ଟ ରୂପେ ଶିକ୍ଷାର୍ଥୀଙ୍କ ଆଗରେ ରଖିବା ଦରକାର ଓ ପିଲାଙ୍କର ବୁଝିବା ଓ ଅନୁଭବ ଅନୁସାରେ ହେବା ଦରକାର। ଶିକ୍ଷାର୍ଥୀ ଶିକ୍ଷକଙ୍କ ସହାୟତାରେ ବିଶ୍ଳେଷଣ ଓ ସଂଶ୍ଳେଷନ କରନ୍ତି ଓ ସମାଧାନ କରିବାକୁ ଚବେଷ୍ଟା କରନ୍ତି। ତେଣୁ ଆମେ କହିପାରିବା ସମସ୍ୟା ସମାଧାନର ନିମ୍ନଲିଖିତ ଲକ୍ଷଣଗୁଡିକ ସାମିଲ୍ ହେଇଛି।

- ଗୋଟିଏ ଉଦ୍ଦେଶ୍ୟରେ ପହଞ୍ଚିବା
- ଉଦ୍ଦେଶ୍ୟ ପ୍ରାପ୍ତି ମାର୍ଗରେ ଆସୁଥିବା ଚେତନା
- ସାମ୍ନାକୁ ଆସୁଥିବା ସମସ୍ୟାକୁ ଆୟତ କରିବାକୁ ଯୋଜନା ତିଆରି କରିବା ଓ ଉଦ୍ଦେଶ୍ୟପୂର୍ଣ୍ଣ ଆକ୍ରମଣ କରିବା
- ସାମ୍ନାରେ ଥିବା ସମସ୍ୟାର ସନ୍ତୋଷଜନକ ସମାଧାନ ପାଖରେ ପହଞ୍ଚିବା ଓ ଉଦ୍ଦେଶ୍ୟ ହାସଲ କରିବା

## ସମସ୍ୟା ସମାଧାନର ନିମ୍ନଲିଖିତ ସୋପାନଗୁଡିକ ହେଲା:-

କ) ସମସ୍ୟା ଚିହ୍ନଟକରଣ ଓ ବର୍ଣ୍ଣନା: ସମସ୍ୟାର ଉତ୍ପତ୍ତି ଅନୁଭବ କରିପାରୁଥିବା ଆବଶ୍ୟକତା ଓ ବର୍ତ୍ତମାନ ଶିକ୍ଷାର୍ଥୀଙ୍କ କାର୍ଯ୍ୟ ତଥା ବାତାବରଣର କ୍ରିୟାକଳାପରୁ ହୋଇଥାଏ। ଶିକ୍ଷାର୍ଥୀ ସମସ୍ୟାକୁ ଚିହ୍ନିପାରିବାର ଯୋଗ୍ୟ ଓ ସ୍ୱଷ୍ଟ ଭାବେ ବର୍ଣ୍ଣନା କରିବାର ଯୋଗ୍ୟ ହେବା ଦରକାର।

ଖ) ସମସ୍ୟାକୁ ବିଶ୍ଳେଷଣ କରିବା : ସମସ୍ୟାଟିର ସମ୍ପୂର୍ଣ୍ଣ ରୂପରେ ବିଶ୍ଳେଷଣ କରିବା ଦରକାର।

- ବିଭିନ୍ନ ଅବଧାରଣ ମଧ୍ୟରେ ସମ୍ବନ୍ଧକୁ ସ୍ୱଷ୍ଟ ରୂପରେ ବ୍ୟାଖ୍ୟା କରିବା ଦରକାର।

ଗ) ପରିକଳ୍ପନା ପ୍ରସ୍ତୁତ କରିବା: ସମସ୍ୟାର ପ୍ରକୃତି ଅନୁସାରେ ସମ୍ଭାବିତ ସମାଧାନର ପ୍ରସ୍ତୁତି କରାଯାଇପାରେ।

ଘ) ପରିକଳ୍ପନାକୁ ତନଖି କରିବା: ସମସ୍ୟା ସମାଧାନ କରିବା ପାଇଁ ପ୍ରତ୍ୟେକ ପରିକଳ୍ପନାକୁ ତନଖି କରି ଜାଣିବା ଦରକାର।

ଙ) ପରିଣାମର ସତ୍ୟାସତ୍ୟ ହାସଲ କରିବା: ପରିକଳ୍ପନାର ବୈଧତା କରିବା ପାଇଁ କେତେଥର ସମସ୍ୟାର ସମାଧାନ ସତ୍ୟତା ପ୍ରତିପାଦନ କରାଯାଏ।

ଶିକ୍ଷାର୍ଥୀଙ୍କ ଦ୍ୱାରା ସମସ୍ୟା ପ୍ରସ୍ତୁତ କରିବା, ସମସ୍ୟାର ସମାଧାନ କରିବାରେ ଶିକ୍ଷକଙ୍କର ମହତ୍ତ୍ୱପୂର୍ଣ୍ଣ

ଭୂମିକା ରହିଛି । ଶିକ୍ଷକଙ୍କ ଭୂମିକା ନିମ୍ନ ପ୍ରକାରର ଅଟେ ।

- ସମସ୍ୟାର ପରିସ୍ଥିତିକୁ ସୃଷ୍ଟି କରିବା
- ଶ୍ରେଣୀ କକ୍ଷରେ ଭୟ ମୁକ୍ତ ବାତାବରଣ ତିଆରି କରିବା
- ସମସ୍ୟାକୁ ବୁଝିବା, ବ୍ୟାଖ୍ୟା କରିବା ଓ ମତାମତ ଦେବାରେ ଶିକ୍ଷକ ଶିକ୍ଷାର୍ଥୀଙ୍କୁ ସହାୟତା କରିବା
- ଶିକ୍ଷାର୍ଥୀଙ୍କର ଜଟିଳ ଭାବନା, ଖୋଲା ବିଚାର, ପ୍ରଶ୍ନ ପଚାରିବାର ସାହସ ଓ ଅନୁଧ୍ୟାନ କରିବାର ଆଦିରେ ସେମାନଙ୍କୁ ସହାୟତା କରିବା ।

## E-୯ ସମସ୍ୟା ସମାଧାନର ବିଭିନ୍ନ ସୋପାନଗୁଡିକ ବର୍ଣ୍ଣନା କର

## ୧.୩.୭- ଶିକ୍ଷଣ ହେଉଛି ଅର୍ଥ ପ୍ରସ୍ତୁତି(Meaning Making)

### ନିମ୍ନ ସ୍ଥିତିକୁ ପଢନ୍ତୁ

**ସ୍ଥିତି-୬**

ଶିକ୍ଷୟତ୍ରୀ ସୁସ୍ମିତା, ଇଂରାଜୀ ଶିକ୍ଷକ ତା'ର ଛାତ୍ରମାନଙ୍କୁ ବର୍ଷାଋତୁ ଉପରେ ଗୋଟିଏ ରଚନା ଲେଖିବାକୁ ସାହାଯ୍ୟ କରୁଥିଲେ । ଆରମ୍ଭରେ ପିଲାଙ୍କର ପ୍ରତିକ୍ରିୟା ଜାଣିବା ପାଇଁ ଏକ ସାଧାରଣ ପ୍ରଶ୍ନ ପଚାରିଲେ । ଯଦି ମୁଁ କହୁଛି ବର୍ଷା ହେଉଛି ଏହା କହିଲା ସମୟରେ ତୁମମାନଙ୍କ ମନରେ କଣ ବିଚାର ଆସୁଛି ? ଶ୍ରେଣୀର ସବୁ ପିଲା ଉତ୍ତର ଦେବାକୁ ତତ୍ପର ହୋଇ ଉଠିଲେ ଏଥିରେ କେତେକ ଉତ୍ତର ନିମ୍ନ ପ୍ରକାରର:- 'ମୋତେ ବର୍ଷାରେ ନାଚିବାକୁ ଭଲ ଲାଗେ ।'

'ବର୍ଷା ଯୋଗୁ ସବୁ ଜାଗା ଅପରିଷ୍କାର ଓ କାଦୁଅ ହୋଇଯାଏ ।'

'ବର୍ଷା ବିପତ୍ତି ଓ ବଢି ନେଇକି ଆସେ ।'

'ବର୍ଷା ଯୋଗୁ ବୃକ୍ଷଲତା ସବୁଜମୟ ହୋଇ ଉଠେ ।'

'ଯଦି ବର୍ଷାର ଦୁଇଟି ବୁନ୍ଦା ଆମର ଟିଣ ଛାତ ଉପରେ ବର୍ଷିଯାଏ, ଏହା ମୋତେ ସଂଗୀତ ଶୁଣାଏ ଓ ମୁଁ ତା ସହିତ ଗୁଣୁଗୁଣୁ ସ୍ୱରରେ ତାଳ ଦେଇଥାଏ ।'
'ବର୍ଷାରେ ମଶା, ମାଛି, କୀଟପତଙ୍ଗଙ୍କ ଯୋଗୁ ଚାରିଆଡେ ବିଭିନ୍ନ ରୋଗ ବ୍ୟାପିଥାଏ । ତେଣୁ ମୁଁ କାମନା କରେ କି ବର୍ଷା କେବେହେଲେ ନ ଆସୁ ।'

‘ ଝାଳବୁହା ଗରମ ଋତୁ ପରେ ବର୍ଷା କେତେ ସୁଖ ପହଞ୍ଚାଏ ଓ ଆରାମଦାୟକ ଲାଗେ।’

‘ଆମ ଗଳିରେ ବହୁତ ପ୍ରକାରର ରଙ୍ଗୀନ୍ ଛାତ ଦେଖିବାକୁ ମତେ ଭାରି ଭଲ ଲାଗେ।’

‘ବର୍ଷାରେ ବିଭିନ୍ନ ପ୍ରକାରର ରଙ୍ଗୀନ୍ ଫୁଲ ଦେଖିବା, ଛୋଟ ଛୋଟ ବେଙ୍ଗକୁ ଦେଖିବା, କାଗଜ ଡଙ୍ଗା ତିଆରି କରି ପାଣିରେ ଭସାଇବା ଆଦି ମୋତେ ଖୁବ୍ ଆନନ୍ଦ ଦିଏ।’

‘ସର୍ଦ୍ଦି ହୋଇ ନାକରୁ ପାଣି ବୋହିବା, ଜ୍ୱର ଓ ମୁଣ୍ଡବିନ୍ଧା ଆଦି ରୋଗକୁ ବର୍ଷା ସାଙ୍ଗରେ ନେଇକି ଆସିଥାଏ।’

‘ବାଦଲ ଘେରା ଆକାଶରେ ଯେତେବେଳେ ସୂର୍ଯ୍ୟ ଦେଖାଯାଏନାହିଁ। ମତେ ବହୁତ ଉଦାସ କରିଦିଏ।’

ଏ ସମସ୍ତ କେବେ ବି ନ ସରିବା ତାଲିକା ଅଟେ। କଣ ଏହିସବୁ ଉତ୍ତରଗୁଡିକରେ କୌଣସି ଭୁଲ୍ ବା ଅନୁପେଯାଗୀ କଥା ଅଙ୍କିତ ହୋଇଛି କି ? ବର୍ଷା ବାଦଲରେ ପ୍ରତ୍ୟେକ ପିଲାର ନିଜର ବ୍ୟକ୍ତିଗତ ଅବଧାରଣା ରହିଛି। ଯଦି ଆପଣ ବର୍ଷାର ଅର୍ଥ ବାହାର କରିବାକୁ ଚେଷ୍ଟା କରନ୍ତି। ତେବେ ଆପଣ ଅବଶ୍ୟ ଅସଫଳ ହୋଇଯିବେ। ଆପଣ କୌଣସି ବସ୍ତୁର ଅର୍ଥ ପଚାରିପାରନ୍ତି। ଆପଣ ଏତେ ଅଧିକ ଉତ୍ତର ପ୍ରାପ୍ତ କରିବେ। ଯେତେ ଉତ୍ତର ଦେଲେ ମଧ ସମସ୍ତଙ୍କ ଉତ୍ତର ଭିନ୍ନ ଭିନ୍ନ ହେବ। କିଛି ବିଷୟବସ୍ତୁ ବା ଅବଧାରଣାର ଏତେ ପ୍ରକାରର ଭିନ୍ନ ଉତ୍ତର ହେବାର କାରଣ କଣ ?

ହଁ ଏହି ବୋଧଶକ୍ତି ଜଣକଠାରୁ ଅନ୍ୟଜଣଙ୍କର ଭିନ୍ନ। ବ୍ୟକ୍ତିର ବୋଧ କୌଣସି ବ୍ୟକ୍ତିର କାର୍ଯ୍ୟ କରିବାର ଢଙ୍ଗରୁ ବୁଝାଯାଏ। ଯେବେ ବର୍ଷା ହେଉଛି କିଛି ଲୋକ ବର୍ଷାରୁ ବଞ୍ଚିବା ପାଇଁ ଛାତ ତଳକୁ ଦେଡି ଥାନ୍ତି ଓ ଆଉ କେତେଜଣ ବର୍ଷାରେ ଭିଜିବାର ମଜା ନେଇଥାନ୍ତି। ଯଦିଓ ବର୍ଷା ହେବାରେ କୌଣସି ମତଭେଦ ନାହିଁ। କିନ୍ତୁ ଏହାର କାର୍ଯ୍ୟ, ଏହାର ବୋଧରେ ପ୍ରଭେଦ ହେବାର ଇଙ୍ଗିତ ଥାଏ। ଏହି ଅନୁରୂପରେ ଘଟଣାର ଅର୍ଥ ବାହାର କରିଥାଏ। ତେଣୁ ବିଭିନ୍ନ ବ୍ୟକ୍ତି ଗୋଟିଏ ସ୍ଥିତିରୁ ଭିନ୍ନ ଭିନ୍ନ କଥା ଗ୍ରହଣ କରିଥାନ୍ତି। ଆମେ ଯାହା ଗ୍ରହଣ କରୁ ତାହା ଆମର ପୂର୍ବ ଅନୁଭବ, ଆମର ଭାବନା ଆମର ଆବଶ୍ୟକତା ଆଧାରିତ ଉଦ୍ଦେଶ୍ୟ ଉପରେ ନିର୍ଭର କରିଥାଏ। ଆମେ ଏହି ସମୟ ପର୍ଯ୍ୟନ୍ତ ବୋଧକୁ ବଦଳାଇ ନ ଥାଉ ସେ ପର୍ଯ୍ୟନ୍ତ ଆମ କାର୍ଯ୍ୟରେ ଆମେ ହତୋତ୍ସାହିତ ହୋଇ ନ ଥାଉ ଯଦି ଆମେ କିଛି ବସ୍ତୁ ଓ ପ୍ରକ୍ରିୟା ବାବଦରେ ଆମ ଦ୍ୱାରା ତିଆରି ହୋଇଥିବା ବୋଧ ଦ୍ୱାରା ଆମର ଉଦ୍ଦେଶ୍ୟ ପ୍ରାପ୍ତି କରିଥାଏ। ତେବେ ଆମେ ଏହାକୁ ବଦଳାଇବାକୁ ଚାହୁଁନାହିଁ। କେହି ଯଦି ତାକୁ ଭୁଲ୍ ବୋଲି କହିଥାନ୍ତି କେବଳ ଯଦି ଆମ ଦ୍ୱାରା ସୃଷ୍ଟି ହୋଇଥିବା ଅବଲୋକନ ବୁଝିବାରେ ବା ସବୁ ସମସ୍ୟାକୁ ସୁଧାରିବା ପାଇଁ ଆମର ସହାୟତା କରେ ନାହିଁ। ତେବେ ଆମେ ବିକଳ୍ପ ଅର୍ଥ ଅନୁସରଣ କରୁ। ଯିଏ ଆମର ଉଦ୍ଦେଶ୍ୟକୁ ପ୍ରାପ୍ତ କରିବାର କାର୍ଯ୍ୟ କରିଥାଏ। ଶିଖିବାର ଯୋଗ୍ୟତା, ଅନୁପଯୁକ୍ତ ଅବବୋଧନକୁ ବଦଳାଇବା ବା ଅସ୍ୱୀକାର କରିବାର ଯୋଗ୍ୟତା ଓ ନୂତନ ଏବଂ ଅଧିକ କାର୍ଯ୍ୟ ଯାହା

ଚାଳନା କରିବା ଆଦି ସମ୍ବନ୍ଧୀୟ, ସଂକ୍ଷେପରେ ଶିକ୍ଷଣ ଅର୍ଥ କାର୍ଯ୍ୟ ପରିଚାଳନାରେ ବିକଳ୍ପ ଅର୍ଥ ରଖି, ପୁରାତନ ଅର୍ଥକୁ ବଦଳାଇବା । ଯଦି ଶିକ୍ଷଣ ଅର୍ଥର ପ୍ରସ୍ତୁତ କରିବାକୁ ଲାଗେ, ପିଲାମାନେ ଅର୍ଥ ତିଆରିରେ ନିର୍ମାତା ହୋଇ ଯାଆନ୍ତି । ଉକ୍ତ ସନ୍ଦର୍ଭରେ ଶିକ୍ଷଣ ପ୍ରକ୍ରିୟା ଶିକ୍ଷାର୍ଥୀ କେନ୍ଦ୍ରୀକ ଅଟେ ଓ ପୂର୍ଣ୍ଣ ରୂପରେ ବିଦ୍ୟାର୍ଥୀ ଉପରେ ନିର୍ଭର କରେ ।

ପରମ୍ପରାଗତ ଶିକ୍ଷକକେନ୍ଦ୍ରିକ ପାଠ୍ୟକ୍ରମ ଆଧାରିତ ଶିକ୍ଷଣରେ ଶ୍ରେଣୀରେ ସବୁ ଶିକ୍ଷାର୍ଥୀଙ୍କୁ ଏକ ସମାନ ଯୋଗ୍ୟତା ବିଶିଷ୍ଟ ମାନିଥାଆନ୍ତି ଓ ବସ୍ତୁ ବା ଘଟଣାର ଏକାପରି ଅର୍ଥ ବାହାର କରନ୍ତି । ତେଣୁ ଏହି ବିଶ୍ୱାସରେ ଗଲେ ସମୁଦାୟ ଶ୍ରେଣୀରେ ଶିକ୍ଷଣ ଏକା ଭାବରେ ହୋଇଥାଏ । ଏହା ସତ୍ୟ ନୁହେଁ, ଯେତେବେଳେ ଅମେ ମାନିଥାଉ ଯେ ଶିକ୍ଷଣ ଅର୍ଥ ନିର୍ମାଣ କରିବାବାଲା । ଅର୍ଥ ନିର୍ମାତା ଏହାର ଶୈକ୍ଷିକ ପ୍ରକ୍ରିୟାରେ ସମାପନ ହୋଇ ନଥାଏ । ଏହା ନିରନ୍ତର ନିଜର ବାତାବରଣରେ ଆଦାନ-ପ୍ରଦାନ କରିବାରେ ନୂତନ ଅର୍ଥ ବାହାରି କରିଥାଏ ।

ଶିକ୍ଷକ ରୂପରେ ଅର୍ଥପୂର୍ଣ୍ଣ ଶିକ୍ଷଣକୁ ବତାଇବା ପାଇଁ ଆପଣଙ୍କ ଭୂମିକା ନିମ୍ନ ପ୍ରକାରର ଅଟେ ।

- ଶ୍ରେଣୀରେ କୌଣସି ଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ଆପଣଙ୍କୁ ପ୍ରତ୍ୟେକ ପିଲାଙ୍କର କାର୍ଯ୍ୟକଳାପରେ ସମ୍ବନ୍ଧୀତ ପୂର୍ବ ଜ୍ଞାନ ଜାଣିବାକୁ ପଡିବ ।
- ପୂର୍ବଜ୍ଞାନ ବ୍ୟତୀତ ଆପଣଙ୍କୁ ଏହାର ରୁଚି ଓ ପ୍ରବୃତ୍ତିକୁ ବିସ୍ତୃତ ଭାବରେ ଜାଣିବା ପାଇଁ ଦରକାର । ଏହା ସହିତ ପିଲାଙ୍କର ବ୍ୟକ୍ତିତ୍ୱର ବିଶେଷତ୍ୱକୁ ଜାଣିବା ଦରକାର ।

- ଯାହାକି ଦୃଷ୍ଟିଭଙ୍ଗୀ(Perception) ଆଚରଣ ଅଟେ ।

- ଆପଣଙ୍କୁ ବିଦ୍ୟାଳୟରେ ଓ ଶ୍ରେଣୀରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାର ଆବଶ୍ୟକତା ଅଛି । ଯେଉଁଥିରେ ଶିକ୍ଷାର୍ଥୀମାନେ ନିଜର ମତାମତ ନେବାକୁ ସ୍ୱାଧୀନତା ଅନୁଭବ କରନ୍ତି । ଯେଉଁ ସବୁ ଘଟଣାଗୁଡିକ ଆଗରୁ ଆଲୋଚନା କରାଯାଇଛି ।

- ଆପଣଙ୍କୁ ପ୍ରତ୍ୟେକ ଛାତ୍ରର ଉପଲବ୍ଧକୁ କଳାପଟାରେ ଲେଖିବାକୁ ପଡିବ । ଫଳରେ ସମସ୍ତ ପିଲାଙ୍କୁ ତାହା ଦୃଶ୍ୟ ହେବ ।

- ଆପଣଙ୍କୁ ପ୍ରତ୍ୟେକ ପିଲା ତା ମତାମତ ଦେବା ପାଇଁ ସୁଯୋଗ ସୃଷ୍ଟି କରିବା ଦରକାର । ଫଳରେ ପ୍ରତ୍ୟେକ ପିଲା ଅନ୍ୟ ପିଲାର ଉପଲବ୍ଧିକୁ ବୁଝିପାରିବେ ଓ ଘଟଣାରେ ନିଜର ସ୍ଥିତିକୁ ମଧ୍ୟ ଆକଳନ କରିପାରିବେ ଏବଂ ତାହାକୁ ପରିବର୍ତ୍ତନ ବା ବଦଳାଇପାରିବେ ।

---

E-୧୦- ଅର୍ଥ ନିର୍ମାଣରେ ଦୃଷ୍ଟିକୋଣ (Perception)ର ବିଶେଷତ୍ୱକୁ ବ୍ୟାଖ୍ୟା କର ।

---

ଟିପ୍ପଣୀ

## ୧.୪- ଶିକ୍ଷାଦାନର ପ୍ରକ୍ରିୟା

ଆମେ ସବୁ ବିଦ୍ୟାଳୟ ଦିନମାନଙ୍କରେ ଶିକ୍ଷାଦାନର ବିଭିନ୍ନ ସ୍ୱରୂପ ଅନୁଭବ କରିଛେ । ଯଦି କେହି ପଚାରନ୍ତି 'ଶିକ୍ଷାଦାନ କଣ ?' ସବୁଠାରୁ ସାଧାରଣ ଓ ସହଜ ଉତ୍ତର ହେବ 'ଶ୍ରେଣୀରେ ଶିକ୍ଷକ ଯାହା ସବୁ କରେ ତାହା ହେଲା ଶିକ୍ଷାଦାନ' । ଯେହେତୁ ବିଭିନ୍ନ ପ୍ରକାରର ଶିକ୍ଷକ ଅଛନ୍ତି ଓ ବିଭିନ୍ନ ପ୍ରକାରର ଶିକ୍ଷାଦାନ ପ୍ରକ୍ରିୟା ରହିଛି । ପାରମ୍ପରିକ, ଶ୍ରେଣୀ ଅଭ୍ୟାସରେ ଶିକ୍ଷକ-କେନ୍ଦ୍ରୀକ ଶିକ୍ଷଣ ସବୁକିଛି ନିୟନ୍ତ୍ରଣ କରିଥାଏ । ଶ୍ରେଣୀରେ ଯେକୌଣସି କାର୍ଯ୍ୟ ଘଟିଥାଏ । ବିଶେଷ ଭାବରେ ଶିକ୍ଷକଙ୍କ ଦ୍ୱାରା ନିର୍ଦ୍ଧାରିତ ଓ ଆକଳନ ହୋଇଥାଏ । ଛାତ୍ରମାନଙ୍କର କିଛି ଶିକ୍ଷଣ-ଶିକ୍ଷାଦାନ କାର୍ଯ୍ୟରେ କିଛି କହିବାର ନଥାଏ । ଶିକ୍ଷକ ଶ୍ରେଣୀରେ ଯାହା ଚାହାନ୍ତି, ତାହା କରିବାକୁ ନିର୍ଦ୍ଦେଶ ତଥା ଆଦେଶ ଦେଇଥାନ୍ତି । ଶିକ୍ଷଣର ଅର୍ଥ ସୂଚନା ତଥ୍ୟ ଓ ବିଷୟବସ୍ତୁରେ ନିର୍ଦ୍ଧାରିତ, ଅବଧାରଣାକୁ ପ୍ରସାରିତ କରିବା । ଯଦି ଶିକ୍ଷକକେନ୍ଦ୍ରୀକ ଶ୍ରେଣୀ ଅଭ୍ୟାସକୁ ଶିକ୍ଷାର୍ଥୀକେନ୍ଦ୍ରୀକ ଅଭ୍ୟାସରେ ବଦଳି ଯାଏ, ତେବେ ଶିକ୍ଷାର୍ଥୀ ଉପଲବ୍ଧ ଅଧିକ କେନ୍ଦ୍ରୀତ ହୋଇଯାଏ ଯେଉଁଥିଲେ ଶିକ୍ଷକଙ୍କ ଭୂମିକା ଓ ଶିକ୍ଷଣର ଅଭ୍ୟସା ରୂପାନ୍ତରିତ ହୋଇଯାଏ । ଶିକ୍ଷଣର କେବଳ ଗୋଟିଏ ମାତ୍ର ରାସ୍ତା ନ ଥାଏ ଓ ସେଥିପାଇଁ ବିଭିନ୍ନ ପ୍ରକାରର ଶିକ୍ଷାଦାନର ନମୁନାରେ ଖାପଖୁଆଇବାକୁ ପଡିଥାଏ । ଏହି ଅଧ୍ୟାୟରେ ଶିକ୍ଷାଦାନର ୩ଟି ଉପଯୋଗ ଆଧୁନିକ ଶିକ୍ଷାଦାନ ଅଭ୍ୟାସ ପାଇଁ ଖୁବ୍ ମହତ୍ତ୍ୱପୂର୍ଣ୍ଣ । ଯାହାର ଆଲୋଚନା ନିମ୍ନରେ କରାଯାଇଛି ।

### ୧.୪.୧- ବ୍ୟବହାରରେ ରୂପାନ୍ତୀକରଣ ପାଇଁ ଶିକ୍ଷାଦାନ

ଆମେ ଶିଖିଛେ, ଶିକ୍ଷଣ ପୂର୍ଣ୍ଣ ରୂପରେ ବ୍ୟବହାରର ଏକ ସ୍ଥାୟୀ ପରିବର୍ତ୍ତନ ଅଟେ । ବ୍ୟବହାର ଭିନ୍ନ ବ୍ୟକ୍ତି ପାଇଁ ଭିନ୍ନ ପ୍ରକାର । କେତେକ ବିଶ୍ୱାସ କରନ୍ତି ଯେ ବ୍ୟବହାର ହେଉଛି ବ୍ୟକ୍ତିତ୍ୱର ସମସ୍ତ ଗୁଣ ଓ ସ୍ୱରୂପ ଆଦିର ବିଶେଷତ୍ୱ ଯାହା ବ୍ୟକ୍ତି ପାଖରେ ରହିବା ଆବଶ୍ୟକ । ଏସବୁର ସମ୍ମିଶ୍ରଣ । ଯେତେବେଳେ କେତେକ ବିଶ୍ୱାସ କରନ୍ତି ବ୍ୟବହାର ଏକ ପର୍ଯ୍ୟବେଶିତ କାର୍ଯ୍ୟ, ଯାହାକୁ ବ୍ୟକ୍ତି ପ୍ରଦର୍ଶନ କରିଥାଏ । ବ୍ୟବହାର ରୂପାନ୍ତିକରଣ, ଶିକ୍ଷାଦାନର ନିକଟତ୍ତର ହେବା ପାଇଁ ଆମେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପିଲାକୁ ଶିଖିବାରେ ସାହାଯ୍ୟ କରୁ । ପର୍ଯ୍ୟବେଶିତ ବ୍ୟବହାର ମୁଖ୍ୟତଃ ଦୁଇ ପ୍ରକାରର: ପ୍ରାପ୍ତନର ବ୍ୟବହାର ଓ ନିର୍ଗମନ ବ୍ୟବହାର । ଯେତେବେଳେ ଆମେ ଶିକ୍ଷାର୍ଥୀର ଏକ ସାମାଜିକ ନିୟମ ବା ଆଦର୍ଶ ଅନୁସାରେ କିଛି ଭିନ୍ନ ଢଙ୍ଗରେ ଏକ ବ୍ୟବହାର କରିବାକୁ ଚାହୁଁଥାଏ । ତାହାର ବାଞ୍ଛନୀୟ ବ୍ୟବହାର ପରିବର୍ତ୍ତନ ପାଇଁ ଚେଷ୍ଟା କରିଥାଏ । ଉଦାହରଣସ୍ୱରୂପ ଯେତେବେଳେ ଚକୋଲେଟ୍‌ଟିଏ ଯାଚିବା ସମୟରେ ପିଲାଟି ଦୌଡି ଆସେ । ଆମେ ସେ ଏହି ଦୌଡି ଆସିବା ବ୍ୟବହାର ପ୍ରାପ୍ତ କରିବା ପାଇଁ ଚେଷ୍ଟା କରିଥାଉ । କେତେକ ପରିସ୍ଥିତିରେ  ଆପଣ ଅନୁଭବ କରିଥିବେ ଯେପରି ବ୍ୟକ୍ତି କୌଣସି ବାହ୍ୟ  ଦୃଷ୍ଟିଗୋଚର ବ୍ୟତୀତ ଏକ ନିର୍ଦ୍ଦିଷ୍ଟ ବ୍ୟବହାର ପ୍ରଦର୍ଶିତ କରିଥାଏ । ଯାହାକୁ ସାଧରଣତଃ ଆମେ ତା ପାଖରେ କେବେ ହେଲେ ନେଇ ନ ଥିଲେ । ଆମେ ସେହି ବିଶେଷତ୍ୱ ସବୁକୁ ସ୍ୱାଭାବିକ ଭାବରେ ପ୍ରାପ୍ତ ନ ବ୍ୟବହାର କରିଥାଏ । ଗୋଟିଏ ଛୋଟ ପିଲା ଏକ ଅସ୍ୱାଭାବିକ ପରିସ୍ଥିତିରେ ଛାତ୍ରଟିଏ ଏକ କଷ୍ଟକର ସମସ୍ୟାକୁ ସମାଧାନ କରିନିଏ ଏବଂ ଗୋଟିଏ ଝିଅ ତା'ନାଚ କ୍ଲାସ୍‌ରେ ଶିଖା ଯାଇ ନଥିବା ଏକ ନାଚରେ  ଅଭିନୟ ଭିତରେ କରିଥାଏ । ଏସବୁ ହେଲା ପ୍ରାପ୍ତନର ବ୍ୟବହାର ।

ଯେତେବେଳେ ଗୋଟିଏ ପିଲା ଉପରୋକ୍ତ ଦୁଇଟି ପ୍ରଦର୍ଶିତ ବ୍ୟବହାର ଯଥା: ପ୍ରାପ୍ତନ ଓ ନିର୍ଗମନ। ସମାନ ଭାବେ ଗ୍ରହଣ କରୁଥିବା ବ୍ୟବହାର ରୂପେ ପ୍ରଦର୍ଶନ କରିବାକୁ ତିଆରି କରେ। ତେବେ ଆମେ କହିଥାଉଁ ପିଲାଟିର ବ୍ୟବହାରରେ ରୂପାନ୍ତର ହେଲା। ରୂପାନ୍ତୀକରଣର  ଦୁଇଟି ବିଭାଗ ଅଛି ପ୍ରଥମ ବିଭାଗଟି ପ୍ରାପ୍ତନ ଓ ନିର୍ଗମନ। ଏ ଦୁଇଟି ବ୍ୟବହାର ସହିତ ସଂଶ୍ଳିଷ୍ଟ ଓ ଏଥିରେ ବ୍ୟବହାର ଯେତେବେଳେ ଯେଉଁ ସ୍ଥାନରେ ହେଉନା କାହିଁକି ବାରମ୍ବାର ପରିଲକ୍ଷିତ ହୋଇଥାଏ। ଦ୍ୱିତୀୟଟି ହେଉଛି ରୂପାନ୍ତର ପ୍ରକ୍ରିୟାକୁ ଧାରାବାହିକ ଭାବରେ କରିବା ଦରକାର। କାରଣ ବର୍ତ୍ତମାନ ଓ ଶିଖିଥିବା ବ୍ୟବହାରରେ ଗୁଣବତ୍ତା ଆଣିବା ପାଇଁ ଓ ଅଧିକରୁ ଅଧିକ ନୂଆ ବ୍ୟବହାର ଲାଭ କରିବା ପାଇଁ ଏହା ଆବଶ୍ୟକ। ଏହି ପ୍ରକ୍ରିୟାକୁ ପିଲାର ଅଭ୍ୟାସରେ ପରିଣତ କରିବା ପାଇଁ ସେ ବାରମ୍ବାର ଓ ଉଭୟକୁ ରୂପାନ୍ତର କରିବା ବ୍ୟବହାରକୁ ବୈଜ୍ଞାନିକମାନେ ଅଭ୍ୟସ୍ତ ସର୍ତ୍ତମୂଳକ କହିଥାଆନ୍ତି। ଦୁଇଟି ପ୍ରକାରର ସର୍ତ୍ତମୂଳକ ଆଚରଣ ଉପରେ ଏହି ପ୍ରକ୍ରିୟା ନିର୍ଭର କରିଥାଏ।

**୧. ଅନୁବନ୍ଧିତ ଅନୁକ୍ରିୟା (ଆଚରଣ ଓ ଅନୁକ୍ରିୟା ପ୍ରାପ୍ତ କରିବା)**

**୨. ସକ୍ରିୟା ଅନୁକ୍ରିୟା(ସ୍ୱାଭାବିକ ବ୍ୟବହାରରେ ଅନୁକ୍ରିୟା)**

ଇଭାନ୍ ପାଭଲଭ୍(I.V.Pavlou) ଜଣେ ଋଷିଆନ୍ ଶରୀର ବିଜ୍ଞାନୀ।୧୮୯୦ ମସିହାରେ ପାଖାପାଖି ଅନୁନ୍ଧିତ ଓ ଅନୁକ୍ରିୟା ଉପରେ ଜଣେ ଅଗ୍ରଣୀ ଆବିଷ୍କାରକ ଭାବରେ କାର୍ଯ୍ୟ କରିଥିଲେ। ସେ ତାଙ୍କ ପରୀକ୍ଷାଗାରରେ ଗୋଟିଏ ଭୋକିଲା କୁକୁର ପାଟିରୁ ଲାଳ ବାହାରୁ ଥିବାର ଦେଖିଥିଲେ ଏପରିକି ଖାଦ୍ୟ ଦେଖିବା ପୂର୍ବରୁ ବା ବାସନା ବାହାରିବା ପୂର୍ବରୁ। ଆଶ୍ଚର୍ଯ୍ୟଜନକ ଭାବରେ କୁକୁର ଜଗାଳିକୁ ବା ତା ପାଦର ଶବ୍ଦକୁ ଶୁଣି ତା ପାଟିରୁ ଲାଳ ବାହାରିଥାଏ। ଏହି ସରଳ ପରୀକ୍ଷଣ ଦ୍ୱାରା ସେ ପ୍ରଭାବିତ ହୋଇ Pavlov କୁ କେତେଗୁଡିଏ ଧାନପୂର୍ବକ ପରୀକ୍ଷାର ପ୍ରୟୋଗ କରିଥିଲେ। ଯେଉଁ ଘଣ୍ଟା ବାଜିବା, ବଜର ଶବ୍ଦ ଇତ୍ୟାଦିକୁ ବ୍ୟବହାର କରି କୁକୁର ପାଟିରୁ ଲାଳ ବାହାରିବା ଦେଖିଥିଲେ। ଏଠାରେ ଉଦ୍ଦୀପକ(ଲାଳ ବୁହାଇବା) ପ୍ରତିକ୍ରିୟା କାର୍ଯ୍ୟ। ତେଣୁ Pavlov ଏହି ପରୀକ୍ଷାରେ ଘଣ୍ଟି ଏକ ଉଦ୍ଦୀପକ(ucs) ଅନୁକ୍ରିୟା ଅଟେ। ଖାଦ୍ୟ ଏକ ପ୍ରାକୃତିକ ଉଦ୍ଦୀପକ ଓ ଖାଦ୍ୟ ଦେଖି ଲାଳ ବୁହାଇବା ଏକ ସ୍ୱାଭାବିକ ପ୍ରତିକ୍ରିୟା ଅଟେ ଓ ବଜର୍ ବା ଘଣ୍ଟି ବାଜିବା ଶବ୍ଦରେ ଲାଳ ବୁହାଇବା ହେଉଛି(CR)। ଆରମ୍ଭରେ ଘଣ୍ଟି ବାଜିବା ବା ବହର୍ ଅଦ୍ଧ ଆଦି ନିଷ୍କ୍ରିୟ ଉଦ୍ଦୀପକ ଥିଲା।(ଯାହାର କୌଣସି ପ୍ରତିକ୍ରିୟା ନ ଥିଲା)ଲାଳ ବୁହାଇବା ପରେ ସାଧାରଣ ଭାବରେ ଉଦ୍ଦୀପକ ବା ପରିସ୍ଥିତି, ଯାହା ପ୍ରତିକ୍ରିୟା ଆଡକୁ ଗତି କରେ। ଅନୁବନ୍ଧିତ ଅନୁକ୍ରିୟା ଘଟିବା ପାଇଁ ସେମାନେ ଏକାଠି ହୋଇଥାଆନ୍ତି। ଏହାକୁ ମଧ୍ୟ ପ୍ରତ୍ୟୁତ୍ତର ପ୍ରତିକ୍ରିୟା କୁହାଯାଏ। କାରଣ ପ୍ରକଟୀକରଣ/ ପ୍ରାପ୍ତନ ଆଚରଣ ଏକ ଉଦ୍ଦୀପକର ପ୍ରତିକ୍ରିୟା। ଶ୍ରେଣୀଗୃହରେ ଶିକ୍ଷା ଅଭ୍ୟାସ ପାଇଁ ଅନୁବନ୍ଧିତ ଅନୁକ୍ରିୟା (Classical conditioning) ଅଧିକ ସ୍ପଷ୍ଟ ହୁଏ। ପ୍ରତ୍ୟେକ ସମୟରେ ଅନୁକୁଳ ଅଟେ ଓ ଏକା ସମୟରେ ଅନ୍ୟପ୍ରକାରର ଲକ୍ଷଣ ଘଟିଥାଏ। ଅଧିକତର ଏହି ଅଚେତନ ପ୍ରକ୍ରିୟା (unconscious responses) ପିଲାମାନେ ବିଦ୍ୟାଳୟ, ବିଷୟବସ୍ତୁ ଓ ଶିକ୍ଷକଙ୍କୁ ଭଲ ପାଆନ୍ତୁ ବା ନ ପାଆନ୍ତୁ ଉଦାହରଣସ୍ୱରୂପ,

ଟିପ୍ପଣୀ

ବିଦ୍ୟାଳୟର ବିଷୟବସ୍ତୁ ସ୍ଥାଣୁ ଉଦ୍ଦୀପକ ଯାହା ଖୁବ୍ କମ୍ ଭାବାତ୍ମକ ପ୍ରତିକ୍ରିୟାକୁ ସକ୍ରିୟ କରିଥାଏ। ଯାହା ପିଲାମାନଙ୍କ ପାଇଁ ନୁହେଁ। ଶିକ୍ଷକ ଶ୍ରେଣୀର କୌଣସି ବିଶେଷ ଉଦ୍ଦୀପକ ଏକ ଅନୁକ୍ରିୟା କାର୍ଯ୍ୟ କରିଥାଏ। ଅନୁକ୍ରିୟା ଉଦ୍ଦୀପକ ସୁଖଦାୟକ ବା ଦୁଃଖଦାୟକ ହୋଇଥାଏ। ନିମ୍ନଲିଖିତ ବିଶେଷ ଉଦ୍ଦୀପକ ସହିତ ଯୋଡି ହୋଇଥିବା ଉଦ୍ଦୀପକ କ୍ରମାଗତ ଉଦ୍ଦୀପକ ଅନୁକ୍ରିୟା ସହ ଯୋଡି ହୋଇଥାଏ।

***ସକ୍ରିୟ ଅନୁକ୍ରିୟା:-*** ସକ୍ରିୟା ଅନୁକ୍ରିୟା B.F. Skinner(୧୯୯୦)ଙ୍କ ଦ୍ୱାରା ବିସ୍ତୃତ ରୂପରେ ପାରା ଓ ମୂଷାମାନଙ୍କ ଉପରେ କରିଥିବା ଅଂସଖ୍ୟା ବିସ୍ତୃତ ରୂପରେ ପରୀକ୍ଷଣ ଅଟେ। ସାଧାରଣ ଅର୍ଥରେ ସକ୍ରିୟ ଅନୁକ୍ରିୟା ହେଉଛି ଜୀବ ଦ୍ୱାରା ପ୍ରାପ୍ତନ ଅନୁକ୍ରିୟା(ପ୍ରାପ୍ତନ ଦୃଢୀକରଣ) Skinner ଏହାକୁ ପୁନଃ ବଳ କୁହନ୍ତି। ପ୍ରାପ୍ତନ(ଆଚରଣକୁ ସକ୍ରିୟ କୁହାଯାଏ)। ଏହାଦ୍ୱାରା ନିର୍ଗମନ ପ୍ରତିକ୍ରିୟାର ପୁର୍ନଚଳନ ହୁଏ। ଯଦ୍ୱାରା ଏଥିରେ ଗ୍ରହଣ କରିବାର ଶକ୍ତି ବଢିଥାଏ। Skinner ପୁର୍ନଚଳନ ଓ ଆଚରଣ ମଧ୍ୟରେ ଥିବା ସମ୍ବାଦକୁ ବାହାର କରିଥିଲେ ଓ ସ୍ୱଷ୍ଟ ଅନୁମେୟ କରିଛନ୍ତି ଆଚରଣ କିପରି ଉପଲବ୍ଧକୁ ପ୍ରଭାବିତ କରିଥାଏ। Skinner ଦୁଇଟି ମହତ୍ତ୍ୱପୂର୍ଣ୍ଣ ବିଭାଗ 'ସୁଦୃଢ ଓ ପୁର୍ନଚଳନରେ ପ୍ରଭେଦ କରିବା'। ଉଦାହରଣ ପ୍ରଶଂସା ଓ ଖାଦ୍ୟ ହେଉଛି ପୁନଃବଳ ସୁଦୃଢ କରିବା ଓ ନିର୍ଗମନ ଆଚରଣର ରୂପାନ୍ତର ଦ୍ୱାରା ଆଚରନକୁ ଆକାର ଦେବା ବିଭିନ୍ନ ପ୍ରକାରର ପୁର୍ନଚଳନ ପ୍ରଦାନ କରି ସମ୍ଭ କରାଯାଇଥାଏ। ପୁର୍ନଚଳନ ଦୁଇ ପ୍ରକାରର ଯଥା ସକାରାତ୍ମକ ଓ ନକାରାତ୍ମକ।

***ସକରାତ୍ମକ ପୁର୍ନଚଳନ(ପୁରସ୍କାର) :-*** ଏହା ସୁଖଦାୟକ ପ୍ରତିକ୍ରିୟା। ଯେଉଁଥିରେ ବାହାର କରି ଦେଇଥିବା ଆଚରଣ ପରେ ସୁଖଦାୟକ ଉଦ୍ଦୀପକ ଦେଇଥାଏ ଓ ଆଚରଣରେ ଦୃଢୀକରଣ ପ୍ରଦାନ କରିଥାଏ। ଯଦି ଶିକ୍ଷକ ପିଲାଙ୍କୁ ଦେଖିଲେ ଖୁସି ହୁଅନ୍ତି ଓ ତାଙ୍କୁ କିଛି ଭଲ କଥା କୁହନ୍ତି, ତାଙ୍କ କାମର ପ୍ରଶଂସା କରନ୍ତି। ତେବେ ସେମାନେ ଉଚ୍ଚ ଗ୍ରେଡ୍ ଦେଇତାନ୍ତି। ଏଠାରେ ଶିକ୍ଷକ ସକାରାତ୍ମକ ପୁର୍ନଚଳନର ପ୍ରୟୋଗ କରିଥାନ୍ତି।

***ନକାରାତ୍ମକ ପୁର୍ନଚଳନ(ଆରାମ):-*** ନକାରାତ୍ମକ ପୁର୍ନଚଳନ ସେବେ ହୋଇଥାଏ, ଯେତେବେଳେ ବାହାର କରି ଦେଇଥିବା ଆଚରଣ ସହିତ କିଛି ଅପ୍ରିୟ ଉଦ୍ଦୀପକକୁ ଦୂର କରି ଦେବା। ଏଥିରେ ବାହାର କରି ଦେଇଥିବା ଆଚରଣକୁ ଦୂରେଇ ନେବା ବିତିଯାଇଥାଏ। ଦଣ୍ଡ ଦେବାର ଧମକ, ଫେଲ୍ କରାଇବା, ଅଟକାଇବା, ଅପମାନ କରିବା, ଚେତାବନୀ ଦେବା ଓ ଏହିପରି ଆହୁରି ଅନେକ ଉଦାହରଣ ଦ୍ୱାରା ଶିକ୍ଷକ ପିଲାମାନଙ୍କ ସହିତ ଦୁଃଖଦାୟକ ଉଦ୍ଦୀପକ ଆଦି ରୂପେ ଉପଯୋଗ କରିଥାଆନ୍ତି। ଯେତେବେଳେ ଏସବୁକୁ ଦୂରେଇ ଦିଆଯାଏ ପିଲାମାନେ ଆରାମ ଅନୁଭବ କରିଥାଆନ୍ତି। ଯାହାଙ୍କ ପିଲାମାନଙ୍କ ଦ୍ୱାରା ପ୍ରାପ୍ତ ହୋଇଥାଏ।

ଆପଣମାନେ ଅନୁଭବ କରିବେ ଯେ ଦଣ୍ଡବିଧାନ ପୁର୍ନଚଳନ ନୁହେଁ। ଦଣ୍ଡବିଧାନ କଷ୍ଟଦାୟକ ଉଦ୍ଦୀପକ କିମ୍ବା ସୁଖଦାୟକ ଉଦ୍ଦୀପକକୁ କାଢିନେବା, ଯେଉଁଟା ହେଲେ ମଧ୍ୟ ଏହା ପିଲାଙ୍କ ପାଇଁ କଷ୍ଟଦାୟକ

ଉଦ୍ଦୀପକର କାରଣ ଯାହା ଶାରୀରିକ ଓ ଆବେଗିକ ଅଟେ । ଶ୍ରେଣୀରେ ଶାରୀରିକ ଦଣ୍ଡ, ଗାଳି ବା ଧମକ ଏବଂ ବିଦ୍ୟାଳୟ ଶେଷରେ ଅଟକାଇ ରଖିବା ଆଦି ବିଦ୍ୟାଳୟରେ ଦିଆଯାଇଥିବା କେତେକ ଦଣ୍ଡ ।

***ସକ୍ରିୟ ଅନୁକ୍ରିୟା-*** ଶିକ୍ଷାଦାନର ବିଭିନ୍ନ କୌଶଳର ବିକାଶ ପାଇଁ ପ୍ରୟୋଗ କରାଯାଇଛି । ସେମାନଙ୍କ ମଧ୍ୟରୁ ଯୋଜନାବଦ୍ଧ ଶିକ୍ଷଣ (programmed learning) ଯୋଜନାବଦ୍ଧ ନିର୍ଦ୍ଦେଶନା ଓ କମ୍ପ୍ୟୁଟର ସହାୟକ ଶିକ୍ଷଣ ଆସି ବିଶେଷ ଭାବରେ ଆଦୃତ ।

**ବ୍ୟବହାର ରୂପାନ୍ତରଣ ଶିକ୍ଷଣର ଉପଯୋଗୀତା**

ବ୍ୟବହାର  ରୂପାନ୍ତୀକରଣ ପ୍ରକ୍ରିୟା ବିଭିନ୍ନ ପ୍ରକାରର ଶ୍ରେଣୀ କକ୍ଷ ଅଭ୍ୟାସ ପାଇଁ ଆମକୁ ସଚେତନ କରିଥାଏ । ତାହା ନିମ୍ନରେ ଦିଆଯାଇଛି ।

- ଏହା ବ୍ୟବହାର ରୂପାନ୍ତୀକରଣର ସମସ୍ତ ତତ୍ତ୍ୱକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ପୁନରାବୃତ୍ତି ଶିକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

- ପୁର୍ନଚଳନ ବିନା ପୁନରାବୃତ୍ତି  ଶିକ୍ଷଣର ବୃଦ୍ଧି ଘଟାଇ ନଥାଏ ।
- ପୁର୍ନଚଳନର ବିଭିନ୍ନ ପ୍ରକାରର ବ୍ୟବହାର ରୂପାନ୍ତୀକରଣ ସାହାଯ୍ୟ କରିଥାଏ ।

- ଅପ୍ରିୟ ବ୍ୟବହାର ସମାପ୍ତ କରିବାରେ ଦଣ୍ଡବିଧାନ ଏତେ ପ୍ରଭାବଶାଳୀ ହୋଇ ନଥାଏ ।

କାର୍ଯ୍ୟରେ ଓ ପ୍ରଗତିରେ ଆଗ୍ରହ ଶିକ୍ଷଣ ପାଇଁ ଅନୁକୂଳ ଅଟେ ।

ବ୍ୟବହାର ରୂପାନ୍ତର ପ୍ରକ୍ରିୟାରେ ସବୁଠାରୁ ମୁଖ୍ୟ ଆଲୋଚନା ଏହାକି ଏଥିରେ କେବଳ କାହାକୁ ଦେଖାଯାଉଥିବା ବ୍ୟବହାର କ୍ରିୟା ଉପରେ ଧ୍ୟାନ ଦିଆଯାଇଥାଏ । ଏହାକୁ ଶିକ୍ଷଣର ପ୍ରତୀକ ଭାବରେ ବୁଝାଯାଏ । ଏହା ପଶୁ ଓ ଛୋଟ ପିଲାଙ୍କ ପାଇଁ ଉପଯୁକ୍ତ । କିନ୍ତୁ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ମାନସିକ ବିକାଶ ଓ ଅବଲୋକନାତ୍ମକ ବ୍ୟବହାର କୌଣସି ବ୍ୟକ୍ତିର ବାସ୍ତବିକ୍ ଧାରଣାକୁ ପ୍ରତିବିମ୍ବିତ କରେ ନାହିଁ । ଏକ ବିଦ୍ୟାଳୟ ଯାଉଥିବା ବୟସର ପିଲାଟିଏ ଯେଉଁ ବ୍ୟବହାର ପ୍ରଦର୍ଶନ କରିଥାଏ, ତାହା କେବଳ ଅନ୍ୟର ଧ୍ୟାନ ଆକର୍ଷଣ ପାଇଁ ଓ ଦଣ୍ଡବିଧାନକୁ ଏଡାଇବା ପାଇଁ ଥାଏ । ତେଣୁ ସବୁବେଳେ ଦେଖାଇଥିବା ବ୍ୟବହାର ରୂପାନ୍ତରଣ ହୋଇଛିର ଅର୍ଥ ନୁହେଁ ଯେ ବାସ୍ତବରେ ଏହା ଶିକ୍ଷଣ ଯୋଗୁ ହୋଇଛି ।

---

E-୧୧- ସକ୍ରିୟ ଅନୁକ୍ରିୟା ଦ୍ୱାରା ବ୍ୟବହାର ରୂପାନ୍ତରଣରେ କ'ଣ ଉପାୟ ରହିଛି ?

E-୧୨- ନକାରାତ୍ମକ ପୁର୍ନଚଳନ ଓ ଦଣ୍ଡ ବିଧାନରେ କଣ ପ୍ରଭେଦ ରହିଛି ?

---

ଟିପ୍ପଣୀ

## ୧.୪.୨- ଧାରଣାଶକ୍ତିର ବିକାଶରେ ଶିକ୍ଷାଦାନ

ଅଭିଧାନରେ ଦିଆଯାଇଥିବା ଅର୍ଥ ଅନୁସାରେ ଧାରଣାଶକ୍ତି ହେଉଛି ଜାଣିବାର କଳା। ସାଧାରଣତଃ ଏହା ଜାଣିବା, ବୁଝିବା ପ୍ରକ୍ରିୟା ଓ ତଥ୍ୟ ବ୍ୟବହାର ଆଦି ସମ୍ବନ୍ଧୀତ ଓ ଏଗୁଡିକୁ ମାନସିକ ଯୋଗ୍ୟତା ବା ବୁଦ୍ଧିମତାର ଉପାଦାନ ଭାବରେ ବିଚାର କରାଯାଏ। ବୌଦ୍ଧିକ ବିକାଶ ଶିକ୍ଷାର୍ଥୀର ବୌଦ୍ଧିକ ଶକ୍ତି ବିକାଶର ବିଭିନ୍ନ ଅବସ୍ଥା ଓ ପ୍ରକ୍ରିୟା ସହିତ ଜଡିତ।

ବୌଦ୍ଧିକ ବିକାଶର ବିଭିନ୍ନ ପ୍ରକାର ସିଦ୍ଧାନ୍ତ ରହିଛି। ଏସବୁ ସିଦ୍ଧାନ୍ତ ମଧ୍ୟରୁ piaget ଙ୍କ ସିଦ୍ଧାନ୍ତରେ ବୌଦ୍ଧିକ ବିକାଶର ଏକ ଚିତ୍ରଣ ଦିଆଯାଇଛି। ଯାହାକି ଶିଶୁର ଜନ୍ମରୁ ୧୪/୧୫ ବର୍ଷ ପର୍ଯ୍ୟନ୍ତ। ଯେଉଁଥିରେ ଶିଶୁ ସର୍ବୋଚ୍ଚସ୍ତରରେ ପହଞ୍ଚିଥାଏ।

Piaget ଅବସ୍ଥାଗୁଡିକୁ ଶୃଙ୍ଖଳା ଅନୁସାରେ ବୌଦ୍ଧିକ ବିକାଶ ଅନୁମାନ କରିଛନ୍ତି ତଥା ପ୍ରତ୍ୟେକ ଅବସ୍ଥାକୁ କିଛି ନିଶ୍ଚିତ ପ୍ରକାରର ବ୍ୟବହାର ଓ କିଛି ନିର୍ଦ୍ଦିଷ୍ଟ ପ୍ରକାର ଢଙ୍ଗରେ ଚିନ୍ତାକରିବା ଓ ସମସ୍ୟା ସମାଧାନ ଦ୍ୱାରା ଏହାର ବିଶେଷତ୍ୱତାକୁ ତିଆରି କରିଛନ୍ତି। ସବୁ ବିଶିଷ୍ଟ ଅବସ୍ଥାକୁ ବୟସ ଅନୁସାରେ ୪ଟି ବିସ୍ତୃତ ଅବସ୍ଥାରେ ପରିଣତ କରିଛନ୍ତି ତାହା ନିମ୍ନରେ ଦିଆଯାଇଛି।

**ଇନ୍ଦ୍ରିୟାନୁଭୂତ ଓ ପେଶୀ ସଞ୍ଚାଳନଜନିତ ଅବସ୍ଥା (୦-୨ ବର୍ଷ)**
(Sensor-motor)

**ପ୍ରାକ୍-କ୍ରିୟା ସମ୍ପାଦନ ଅବସ୍ଥା (୨-୭ ବର୍ଷ)**
(Operational)

**ମୂର୍ତ୍ତିକ୍ରିୟା ସମ୍ପାଦନ ଅବସ୍ଥା (୭-୧୧/୧୨ ବର୍ଷ)**
(Concrete Operational)

**ଔପଚାରିକ କ୍ରିୟା ସମ୍ପାଦନ ଅବସ୍ଥା ( ୧୧-୧୨ରୁ ୧୪-୧୫ ବର୍ଷ)**
(Formal Operational)

ପ୍ରତ୍ୟେକ ଅବସ୍ଥାରେ ପିଲାମାନଙ୍କର ବ୍ୟବହାରର ବିଶେଷତ୍ୱ ବର୍ଣ୍ଣନା, ପିଲାଙ୍କର ବୋଧଶକ୍ତିକୁ ବୁଝିବା ପାଇଁ ଆପଣ ଜଣେ ଶିକ୍ଷକ ଭାବରେ ଏହା ଆପଣଙ୍କୁ ସାହାଯ୍ୟ କରିବା ପାଇଁ ମହତ୍ୱପୂର୍ଣ୍ଣ ଅଟେ। ଶିକ୍ଷଣର କୌଣସି ଅବସ୍ଥା ପାଇଁ ବୌଦ୍ଧିକ ସ୍ତର ଜାଣିବା ମହତ୍ତ୍ୱପୂର୍ଣ୍ଣ। କାରଣ ଶିକ୍ଷଣ ପିଲାଙ୍କର ଭାବନାର ଢଙ୍ଗ କାରଣ ଏବଂ ପ୍ରକ୍ରିୟାର ସୂଚନା ଆଦି ସହିତ ପ୍ରଭାବିତ ହୋଇଥାଏ। ବୌଦ୍ଧିକ ବିକାଶର ୪ଟି ଅବସ୍ଥାର କେତେକ ମୁଖ୍ୟ ବିଶେଷତାର ତାଲିକା-୧ ରେ ଦିଆଯାଇଛି।

**ତାଲିକା- ୧**

**Piagetଙ୍କ ବୌଦ୍ଧିକ ବିକାଶର ଅବସ୍ଥା**

| ଅବସ୍ଥା | ଉପଯୁକ୍ତ ବୟସ | କେତେକ ମୁଖ୍ୟ ବିଶେଷତ୍ୱ |
|---|---|---|
| ଇନ୍ଦ୍ରିୟାନୁଭୂତ ଓ ପେଶୀ ସଞ୍ଚାଳନଜନିତ ଅବସ୍ଥା | ୦-୨ ବର୍ଷ ବୟସ | ❒ ବୁଦ୍ଧିମତା ସମ୍ବନ୍ଧିତ ପେଶି ସଞ୍ଚାଳନ<br>❒ ବର୍ତ୍ତମାନ ନିକଟରେ ଘଟିଥିବା ଘଟଣା ବା ବସ୍ତୁ ସହିତ ସମ୍ବନ୍ଧ<br>❒ କୌଣସି ଭାଷା ବା ବିଚାର ନାହିଁ<br>❒ କୌଣସି ବାସ୍ତୁର ବାସ୍ତବିକତାର କୌଣସି ବିଚାର ନାହିଁ |
| ପ୍ରାକ୍-କ୍ରିୟା ସମ୍ପାଦନ ଅବସ୍ଥା<br><br>ପ୍ରାକ୍-ଅବଧାରଣ ଅବସ୍ଥା<br>ସହଜ ବୋଧନୀୟ ଅବସ୍ଥା | ୨-୭ ବର୍ଷ ବୟସ<br><br>୨-୪ ବର୍ଷ ବୟସ<br>୪-୭ ବର୍ଷ ବୟସ | ❒ ଅହଂ କେନ୍ଦ୍ରିକ ବିଚାର<br>❒ ବୋଧ ଗ୍ରହଣରେ ପ୍ରଭାବଶାଳୀ କାରଣ<br>❒ ତର୍କପୂର୍ଣ୍ଣ ସମାଧାନ ଅପେକ୍ଷା ସହଜବୋଧରେ ସମାଧାନ କରିବା |
| ମୂର୍ତ୍ତକ୍ରିୟା ସମ୍ପାଦନ ଅବସ୍ଥା | ୭-୧୧/୧୨ ବର୍ଷ ବୟସ | ❒ସଂରକ୍ଷଣ କରିବା ଯୋଗ୍ୟତା<br>❒ବର୍ଗ ଓ ତର୍କ ସମ୍ବନ୍ଧରେ ତର୍କ କରିବା<br>❒ସଂଖ୍ୟାକୁ ବୁଝିବା<br>❒ ସ୍ଥୁଳ ବସ୍ତୁ ଓ ଅନୁଭବକୁ ବୁଝିବା ବିରୋଧାଭାସର<br>❒ବିଚାର ଭାବନାରେ ବିକାଶ |
| ଔପଚାରିକ କ୍ରିୟା ସମ୍ପାଦନ ଅବସ୍ଥା | ୧୧-୧୨ରୁ ୧୪-୧୫ ବର୍ଷ ବୟସ | ❒ ବିଚାରରେ ସମ୍ପୂର୍ଣ୍ଣ ସାମାନ୍ୟକରଣ<br>❒ ପ୍ରସ୍ତାବିତ ଅଭିବ୍ୟକ୍ତିର ଭାବନା<br>❒ ପରିକଳ୍ପିତ ବିଚାର ଓ ସ୍ଥିତି ସହିତ ସମ୍ବନ୍ଧ ରଖିବାର ଯୋଗ୍ୟତା<br>❒ ଶକ୍ତି ଆଦର୍ଶବାଦର ବିକାଶ |

(source: Lefranwis, 1994 p.60)

Piagetଙ୍କ ସିଦ୍ଧାନ୍ତ ଅନୁସାରେ ପିଲାଟିଏ ମାନସିକ/ବୌଦ୍ଧିକ ସଂରଚନା ସହିତ ଜନ୍ମ ହୋଇଥାଏ। ଯାହାର ଅଧିକତମ ବୃଦ୍ଧି ଓ ବିକାଶ ୧୪-୧୫ ବର୍ଷ ବୟସ ପର୍ଯ୍ୟନ୍ତ ହୋଇଥାଏ। ବୌଦ୍ଧିକ ବିକାଶର ମୁଖ୍ୟଚଳନ ୪ଟି ଅବସ୍ଥାରେ ନିମ୍ନ ପ୍ରକାରର ହୋଇଥାଏ।

- ଜୀବନର ପ୍ରଥମ ୨ ବର୍ଷ ମଧ୍ୟରେ ଶିଶୁଟି ନିଜର କାର୍ଯ୍ୟକଳାପର ପ୍ରଦର୍ଶନ ଅଧିକାଂଶ ଜ୍ଞାନେନ୍ଦ୍ରିୟ ଦ୍ୱାରା ହୋଇଥାଏ ଓ କିଛି ପେଶୀ ସଞ୍ଚାଳନଜନିତ କ୍ରିୟା ଦ୍ୱାରା କରିଥାଏ। ଏହି ଅବସ୍ଥାରେ ଶିଶୁ କିଛି ବସ୍ତୁକୁ ଦେଖିକରି, ଶୁଣି, ଛୁଇଁ ସ୍ୱାଦ ଓ ଗନ୍ଧ ଦ୍ୱାରା ବସ୍ତୁର ଅନୁଭୂତି କରିଥାଏ ଓ ଯଦି ଏହି ବସ୍ତୁ ତା'ଠାରୁ ଦୂରକୁ ନିଆଯାଏ, ତେବେ ସଙ୍ଗେ ସଙ୍ଗେ ତାହାର ଜ୍ଞାନେନ୍ଦ୍ରିୟ ଏହି ବସ୍ତୁ ନ ଥିବାଟା ଅନୁଭବ କରିପାରେ।

- ଏହି ଇନ୍ଦ୍ରିୟାନୁଭୂତ ଓ ପେଶୀ ସଞ୍ଚାଳନଜନିତ ଅବସ୍ଥର ଶେଷ ପର୍ଯ୍ୟାୟରେ ଶିଶୁଟି ତା ଚାରିପାଖରେ ଥରବା ବସ୍ତୁକୁ ଚିହ୍ନିପାରେ ଓ ସେ ଅନ୍ୟମାନଙ୍କଠାରୁ ଅନେକ କାର୍ଯ୍ୟକଳାପକୁ ଅନୁକରଣ କରିଥାଏ।

ଟିପ୍ପଣୀ

ଏବଂ ପରବର୍ତ୍ତୀ ଅବସ୍ଥାରେ ପିଲାଟି କାର୍ଯ୍ୟକଳାପ କିମ୍ବା ବସ୍ତୁର ଅନୁପସ୍ଥିତିରେ ସେ କାର୍ଯ୍ୟକଳାପର ଅନୁକରଣ କରିଥାଏ । ଏଥିରୁ ଜଣାପଡେ ଯେ ପିଲାମାନେ କିଛି କ୍ରିୟାକୁ ଖୁବ୍ ଗଭୀରତାର ସହ ଦେଖିଥାନ୍ତି । ତାହାକୁ ବୁଝି ପରେ ତାକୁ ନକଲ କରିଥାନ୍ତି । ଏହା ସୁନିଶ୍ଚିତ କ୍ରିୟା, ବୁଦ୍ଧିମତାପୂର୍ଣ୍ଣ କ୍ରୟାକଳାପର ଏକ ଅଂଶ ଅଟେ ।

- Piaget ସକ୍ରିୟ ସମ୍ପାଦନା(operation)କୁ ତର୍କର ନିଶ୍ଚିତ ନିୟମର ଆଧାର ଉପରେ ଏକ ମାନସିକ କ୍ରିୟାକଳାପ ରୂପରେ ବ୍ୟକ୍ତ କରିଛନ୍ତି । Piaget ଙ୍କ ନିୟମାନୁସାରେ କ୍ରିୟା ସମ୍ପାଦନା ୦୭ ବର୍ଷ ବୟସ ପୂର୍ବରୁ ପ୍ରକୃତ ଭାବରେ ଦେଖାଯାଇ ନଥାଏ । କିନ୍ତୁ ଭାଷା ଦକ୍ଷତାର ବିକାଶ ହେବା ସଙ୍ଗେ ସଙ୍ଗେ ପିଲାଟି ପ୍ରାକ୍ କ୍ରିୟା ସମ୍ପାଦନ ଅବସ୍ଥାରେ(Pre-operational stage) ଅପରିକୃତ ଢଙ୍ଗରେ କାରଣ ଖୋଜିବାକୁ ଚେଷ୍ଟା କରିଥାଏ । ଏହି ଯୁକ୍ତି ମୁଖ୍ୟ ଭାବରେ ପୂର୍ବ-ତର୍କ-ଅହଂକେନ୍ଦ୍ରିକ ଓ ଏହାର ଅର୍ନ୍ତଜ୍ଞାନର ସ୍ଥିତି ହୋଇଥାଏ ଓ ଭାବନା ଓ ଆବେଗ ଦ୍ୱାରା ସଞ୍ଚାଳିତ ହୋଇଥାଏ ।

- ବୁଦ୍ଧିମତାର ଆରମ୍ଭ ମୁଖ୍ୟତଃ ପ୍ରାକ୍-କ୍ରିୟା ସମ୍ପାଦନ ଅବସ୍ଥାର ୭-୧୧/୧୨ ବର୍ଷ ବୟସ ମଧ୍ୟରେ ଯେଉଥିରେ ପିଲାମାନେ ପୂର୍ବ ତର୍କରେ ତିଆରି ହୋଇଥିବା ବିଚାରରେ ତର୍କପୂର୍ଣ୍ଣ ବିଚାର ରୂପରେ ଘଟଣାକୁ ପ୍ରୟୋଗ କରିଥାଏ । ଏହି ଅବସ୍ଥାରେ ମୂର୍ତ୍ତ/ସ୍ଥୁଳବସ୍ତୁ ଓ ଘଟଣାକୁ କୁଶଳ ଭାବେ ପରିଚାଳନା କରିବା ସଙ୍ଗେ ସଙ୍ଗେ ୩ଟି ମହତ୍ତ୍ୱପୂର୍ଣ୍ଣ ମାନସିକ ଘଟଣାର ବିକାଶ ହୋଇଥାଏ । ଏହା ହେଉଛି ସଂରକ୍ଷଣ, ବର୍ଗୀକରଣ ଓ ଶ୍ରେଣୀକରଣ ।

ସଂରକ୍ଷଣ:- ସଂରକ୍ଷଣରୁ ଏହା ବୁଝାଯାଏ ଯେ କୌଣସି ସଂଖ୍ୟା ଓ ମାତ୍ରା ସେ ପର୍ଯ୍ୟନ୍ତ ବଦଳି ନଥାଏ, ଯେ ପର୍ଯ୍ୟନ୍ତ ଏହା ଚାହିଁ ନଥାଏ । ବସ୍ତୁ ଓ ବସ୍ତୁମାନଙ୍କର ଭଣ୍ଡାରର ସ୍ଥିତି ବା ସ୍ଥାନ ବଦଳୁଥାଏ । ଉଦାହରଣ ସଂଖ୍ୟାର ସଂରକ୍ଷଣ ଯାଞ୍ଚ ପିଲାମାନଙ୍କୁ ମାଳି ସଂଗ୍ରହ କରି ଶିଖାଯାଏ । ଯାହା ନିମ୍ନରେ ଦିଆଯାଇଛି ।




**(ଚିତ୍ର ୧-ରେ ମାଳିଗୁଡିକର ସଜ୍ଜିକରଣ)**

ଏହି ଦୁଇଟି ସଜ୍ଜିକରଣ ଯଦି ପ୍ରାକ୍- କ୍ରିୟା ସମ୍ପାଦନା ଅବସ୍ଥାରେ ପିଲାଙ୍କୁ ଦେଖାଯାଇଥିଲେ, ହାରାହାରି ସବୁ ପିଲା **b** ରେ ଅଧିକ ମାଳି ଥିବା କହିବେ । କାରଣ ଏ ପର୍ଯ୍ୟନ୍ତ ସେମାନଙ୍କର ସଂଖ୍ୟାକୁ ସଂରକ୍ଷଣ କରିବାର ଯୋଗ୍ୟତାର ବିକାଶ ହୋଇ ନଥାଏ । କ୍ଷେତ୍ରଫଳ, ଆୟତନ, ବସ୍ତୁତ୍ୱ ଆଦି ସମାନ ସଂରକ୍ଷଣ କ୍ରିୟା ଏହା ବୁଝାଏ । ଏହି ଯୋଗ୍ୟତାର ବିକାଶ ପିଲାମାନେ ମୂର୍ତ୍ତ/ସ୍ଥୁଳ କ୍ରିୟା ସମ୍ପାଦନ ଅବସ୍ଥାରେ ହିଁ ହୋଇଥାଏ ।

ଟିପ୍ପଣୀ

***ବର୍ଗୀକରଣ:-*** ବସ୍ତୁର ସମାନ ଓ ବିଭିନ୍ନତା ଅନୁସାରେ ଏକାଠି କରିବାକୁ ବର୍ଗୀକରଣ କୁହାଯାଏ। ଏଥିରେ ବସ୍ତୁର ବିଭିନ୍ନ ବିଶେଷତ୍ୱ ଯେପରି ଆକାର, ଆକୃତି, ରଙ୍ଗ, ଓଜନ, କରାଯାଇଥାଏ। ପାକ୍-କ୍ରିୟା ସମ୍ପାଦନ ଅବସ୍ଥାରେ ପିଲା ବର୍ଗୀକରଣ କରିବା ପାଇଁ ସମର୍ଥ ହୋଇ ନଥାଏ। ସେ ଥରକେ ଦୁଇଥରରୁ ଅଧିକ ବସ୍ତୁକୁ ତୁଳନା କରିପାରି ନଥାଏ।

***ଶ୍ରେଣୀକରଣ:-*** ଏକ ସମାନ ବସ୍ତୁମାନଙ୍କୁ ଏକ ନିଶ୍ଚିତ କ୍ରମରେ ସଜ୍ଜୀକରଣ କରିବାର ଯୋଗ୍ୟତାକୁ ଶ୍ରେଣୀକରଣ କୁହାଯାଏ।

ଏହି ୩ଟି ବ୍ୟତୀତ ସଂଖ୍ୟାକୁ ବୁଝାଇବାର ଯୋଗ୍ୟତା ହେଉଛି ବର୍ଗୀକରଣ ଶ୍ରେଣୀକରଣ ଏକ ପ୍ରତ୍ୟକ୍ଷ ଉତ୍ପାଦ। ଯାହା ମୂର୍ତ୍ତ କ୍ରିୟା ସମ୍ପାଦନ ଅବସ୍ଥା ପରେ ବିକଶିତ ହୋଇଥାଏ।

ଔପଚାରିକ କ୍ରିୟା ସମ୍ପାଦନ ଅବସ୍ଥା, ବୌଦ୍ଧିକ ବିକାଶର ଶେଷ ଅବସ୍ଥା, ଏହା ଏଥିପାଇଁ ଔପଚାରିକ ଅଟେ। କାରଣ ଯେଉଁ ଘଟଣାରେ ପିଲା ଏପର୍ଯ୍ୟନ୍ତ ସମ୍ବନ୍ଧିତ ହୋଇଥାଆନ୍ତି। ଏହା ମୁଖ୍ୟ ଭାବରେ କାଳ୍ପନିକ ବା ପରିକଳ୍ପନା ଉପରେ ଆଧାରିତ। ତଥା ସ୍ଥୁଳବସ୍ତୁ ଓ ଘଟଣାରେ ସ୍ୱତନ୍ତ୍ର ଓ ଅମୂର୍ତ୍ତ ଅଟେ। ଏହି ଅବସ୍ଥାରେ ଭାବନାର ପ୍ରକ୍ରିୟାରେ କବଚବଦ୍ଧ ତର୍କ ସାମିଲ ହୋଇଥାଏ। ପିଲାମାନେ ମୂର୍ତ୍ତକ୍ରିୟା ସମ୍ପାଦନ ଅବସ୍ଥାରେ ଏହା ସମାଧାନ କରିପାରିବେ ନାହିଁ।

ଲେଭ୍ ଭିଜୋସ୍କୀ (Lev Vygotsky) ଜଣେ ପ୍ରସିଦ୍ଧ ଋଷିଆନ୍ ମନୋ- ବୈଜ୍ଞାନିକ, ବୌଦ୍ଧିକ ବିକାଶ ପାଇଁ ନିଜର ସିଦ୍ଧାନ୍ତରେ ଆଉ ଦୁଇଟି ତତ୍ତ୍ୱ ସାମିଲ କଲେ। ସେ ବୌଦ୍ଧିକ ବିକାଶରେ ଭାଷା ଓ ସଂସ୍କୃତି ଉପରେ ଗୁରୁତ୍ୱରୋପ କରିଥିଲେ। ତାଙ୍କ ଅନୁସାରେ ସଂସ୍କୃତି ବିନା ଆମର ମସ୍ତିଷ୍କର କାର୍ଯ୍ୟ ଏକ ସିମ୍ପାଜିର ସମାନ ପ୍ରାରମ୍ଭିକ, ମାନସିକ କ୍ରିୟା ପର୍ଯ୍ୟନ୍ତ ସୀମିତ ରହିଥାନ୍ତା। ସଂସ୍କୃତ ଏକ ସୁସ୍ଥ ବିକଶିତ ଭାଷା ତତ୍ତ୍ୱ ସହିତ ଗଭୀର ପ୍ରତିକ୍ରିୟା ଫଳରେ ଆମେ ଉଚ୍ଚତର ମାନସିକ କ୍ରିୟା ପଇଁ ସମର୍ଥ ହୋଇପାରୁଛେ। ଯଥା ଭାବିବା, ତର୍କ କରିବା ଓ ସ୍ମରଣ କରିବା ଓ ଆହୁରି ଅନେକ।

ଆଗକୁ Lev Vygotsky ବର୍ଣ୍ଣନା କରିଛନ୍ତି ଭାଷା ସମ୍ପାଦନା କରିବା ପାଇଁ ପିଲାଟି ୩ଟି ଅବସ୍ଥା ଦେଇ ଗତି କରିଥାଏ।

- ସାମାଜିକ(ବାହ୍ୟ) ଭାଷଣ(୩/୪ ବର୍ଷ ପୂର୍ବରୁ)- ଅନ୍ୟକୁ ନିୟନ୍ତ୍ରିତ କରିବା ପାଇଁ ଓ ସରଳ ଅବଧାରଣଗୁଡିକ ପ୍ରକାଶ କରିବା ପାଇଁ ବିସ୍ତୃତ ଭାବରେ ବ୍ୟବହାର କରିଥାଏ।

- ଅହଂ କେନ୍ଦ୍ରିତ ଭାଷଣ (୩ରୁ ୭ ବର୍ଷ ପର୍ଯ୍ୟନ୍ତ)- ଏଥିରେ ପିଲାମାନେ ବିଶେଷକରି ନିଜ କଥା ହିଁ କହିଥାନ୍ତି। ବଡ ପାଟିରେ କହିଥାନ୍ତି। ଏଥିରେ ପିଲା ନିଜର ବ୍ୟବହାରକୁ ନିୟନ୍ତ୍ରିତ ଓ ନିର୍ଦ୍ଦେଶିତ କରିବାର ଭୂମିକା ଦରକାର ହୁଏ।

ଟିପ୍ପଣୀ

❒ ଅଭ୍ୟନ୍ତର( inner) ଭାଷଣ(୭ ବର୍ଷରୁ ଅଧିକ)- ଏହା ଏକ ଅକୁହା ଅଭିବ୍ୟକ୍ତି । ଯାହା ବିଚାର ଓ ବ୍ୟବହାରକୁ ନିୟନ୍ତ୍ରି କରିଥାଏ । Vygotsky ବିଦ୍ୟାଳୟରେ ଭାଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମ କରିବାକୁ ଓ ଶ୍ରେଣୀ ଭିତରେ ଓ ବାହାରେ ପାଠ୍ୟକ୍ରମ ପ୍ରତିକ୍ରିୟାରେ ସାଂସ୍କୃତିକ ତତ୍ତ୍ୱ ସମ୍ପର୍କୀତ କରିବାକୁ ଦୃଢ ଭାବରେ ଯୁକ୍ତି କରିଛନ୍ତି । ଏବେ ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କ ବିଷୟରେ ବିଚାର କରିବାକୁ ଗଲେ ଅଧିକ ପିଲା ମୂର୍ତ୍ତ କ୍ରିୟା ସମ୍ପାଦନ ପ୍ରକ୍ରିୟା ଅବସ୍ଥାରେ ହିଁ ରୁହନ୍ତି । ଯେତେବେଳେ ଅଧିକ ପିଲା ଔପଚାରିକ କ୍ରିୟା ସମ୍ପାଦନ କରିବା ଅବସ୍ଥାରେ ଉଚ୍ଚ- ପ୍ରାଥମିକ ବିଦ୍ୟାଳୟରେ ଅଛନ୍ତି । ଆଲୋଚନାରୁ ଯାହା ଜଣାଯାଏ ବିଶେଷ ଭାବରେ ମୂର୍ତ୍ତକ୍ରିୟା ସମ୍ପାଦନ ଅବସ୍ଥାରେ ପିଲାଙ୍କ ବୌଦ୍ଧିକ ବିକାଶ ସୁନିଶ୍ଚିତ ହେଇଥାଏ । ତେଣୁ ଆପଣ ପିଲାଙ୍କର ବୌଦ୍ଧିକ ବିକାଶ ପାଇଁ ଶିକ୍ଷାଦାନ କୌଶଳର ବୃଦ୍ଧି କରିବା ଦରକାର । ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ କଥା ଉପରେ ଧ୍ୟାନ ଦିଅନ୍ତୁ ।

- ଆପଣ ଶିକ୍ଷାଦାନର ବିଶେଷ ଉଦ୍ଦେଶ୍ୟ ତିଆରି କରିବା ଆବଶ୍ୟକ । ପୂର୍ବ ଅନୁଭୂତି, ପୁରାତନ ଶିକ୍ଷଣ ଓ ବ୍ୟବହାର ମଧ୍ୟରେ ସନ୍ତୁଳନ ରୂପ ଧାରଣ କରିବା ଓ ନୂଆ ପରିବର୍ତ୍ତନ ଆଣିବା । ଏହି ପ୍ରକାର ସନ୍ତୁଳନ ଜାରି ରଖିବା ପାଇଁ ପିଲାମାନଙ୍କ ବ୍ୟବହାର ବା କାର୍ଯ୍ୟରେ ପରିବର୍ତ୍ତନରେ ଥିବା ସାମଞ୍ଜସ୍ୟରେ ସାହାର୍ଯ୍ୟ କରେ ।

- ଶିକ୍ଷଣ ଅନୁଭୂତି ପ୍ରଦାନ କରିବା ସମୟରେ ପିଲାମାନଙ୍କ ପରିପକ୍ୱତାସ୍ତରକୁ ଚିହ୍ନିବା ଆବଶ୍ୟକ । ପରିପକ୍ୱତାଜନ୍ମଗତ ଗୁଣର ପରିପ୍ରକାଶ, ଯାହା ଆମକୁ ଉପଯୁକ୍ତ ଶିକ୍ଷଣ ଲାଭ ପାଇଁ ସୁବିଧା ଯୋଗାଇଥାଏ । ଆପଣ କୌଣସି ପିଲାକୁ ଗୋଟିଏ ଗୀତ ବଡ ପାଟିରେ ଗାଇବାକୁ କହି ପାରିବେ ନାହିଁ । ଯେତେବେଳେ ସେ ନିଜ ସ୍ୱର ତିଆରି କରୁଥିବା ଯନ୍ତ୍ରକୁ ନିୟନ୍ତ୍ରଣ କରି ନଥାଏ । ଯାହା ପରିପକ୍ୱ ଅବସ୍ଥାରେ ବିକଶିତ ହୁଏ ।

- ବୌଦ୍ଧିକ ବିକାଶ ପ୍ରତ୍ୟକ୍ଷ ଭାବରେ ପ୍ରକୃତ ବସ୍ତୁ ଓ ଘଟଣା ସହିତ ପିଲାର ଦୈନନ୍ଦିନ କାର୍ଯ୍ୟ ଦକ୍ଷତା ଓ ଅନୁଭୂତି ଉପରେ ନିର୍ଭର କରେ । ଏଥିପାଇଁ ପିଲାର ମାନସିକ ଓ ଶାରୀରିକ, ବାସ୍ତବିକ ଘଟଣା ବସ୍ତୁରେ ସମ୍ବନ୍ଧୀତ ବହୁତଗୁଡାଏ କାର୍ଯ୍ୟସାଧନାରେ ବିଶେଷ ଭାବରେ ଔପଚାରିକ କାର୍ଯ୍ୟ ସମ୍ପାଦନ ଅବସ୍ଥା ଆଗରୁ ସାହାଯ୍ୟ କରିବା ଦରକାର ।

- ସାମାଜିକ ଭାବ ବିନିମୟ ଯଥା: ଅନ୍ୟମାନଙ୍କ ସହ ଭାବ ବିନିମୟ ଅନ୍ୟମାନଙ୍କ ଓ ନିଜର ବିଚାର ଜାଣିବା ପାଇଁ ସାହାଯ୍ୟ କରେ । ଏହି ପ୍ରକାର ପ୍ରତିକ୍ରିୟା ଅଧିକତର ଶବ୍ଦପୂର୍ଣ୍ଣ ଭାଷା ଯୋଗ୍ୟତା ବିକାଶରେ ସାହାର୍ଯ୍ୟ କରିଥାଏ ଓ ସମ୍ପର୍କକୁ ବୁଝିବାରେ ସହାୟକ ହୁଏ । ଏହି ଦୁଇଟି ବୌଦ୍ଧିକ ବିକାଶ ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ ।

- ଏକ ଶିକ୍ଷକଙ୍କ ପାଇଁ ପିଲାଙ୍କୁ ବୁଝିବା ଆବଶ୍ୟକ । ଯେତେବେଳେ ପିଲା କୁହେ ଯେ ପ୍ରଥମ ଚିତ୍ର-୧ ଅପେକ୍ଷା ଚିତ୍ର-୨ରେ ଅଧିକ ମାଳି ଅଛି । ଆମେ ପିଲାର ଭାବକୁ ବୁଝିଥାଉ ସ୍ୱଷ୍ଟ ଭାବେ ନ ବୁଝି ଏପରି ନିର୍ଣ୍ଣୟ କରିବା ଠିକ୍ ନୁହେଁ । ଯେ ପିଲାଟି କୌଣସି ଭୁଲ୍ କରିଛି । ଏହା ଅପେକ୍ଷା ଆମେ ଏହା

ଜାଣିବା ପାଇଁ ଚେଷ୍ଟା କରିବା ଯେ ପିଲାଏ ଏହାକୁ ଠିକ୍ ଭାବରେ କାହିଁକି ବୁଝୁ ନାହାନ୍ତି। ଏହି ବିଧିରେ ଆମେ ପିଲାମାନଙ୍କ ବୁଝିବାର କ୍ଷମତାକୁ ଜାଣିପାରିବା। ଓ ପିଲାଙ୍କ ମାନସିକ ବିକାଶରେ ଉପଯୁକ୍ତ ଯୁକ୍ତି କରିପାରିବା।

- ଭାଷା ଆମ ବିଚାରକୁ ପରିପ୍ରକାଶ କରିବାର ପ୍ରଥମ ସଙ୍କେତ। ଏଥିପାଇଁ ପିଲାମାନଙ୍କୁ ଅଧିକ କହିବାର ସୁଯୋଗ ପ୍ରଦାନ କରିବାରେ ଅନେକ ବୌଦ୍ଧିକ ବିକାଶରେ ହିଁ ସହାୟକ ହେବ ତାହା ନୁହେଁ, ପରିପ୍ରକାଶ ଦ୍ୱାରା ଏହାର ବିଚାରକୁ ବୁଝିବାରେ ହିଁ ସହାୟତା ମିଳିଥାଏ।

---

**E-୧୩ - ଆମେ କାହିଁକି ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ପିଲାଙ୍କୁ ଅଧିକ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ଯୋଗାଇଥାଉ ?**

**E-୧୪- ପିଲାମାନଙ୍କର ବୌଦ୍ଧିକ ବିକାଶ ପାଇଁ ଦଳଗତ ଶିକ୍ଷଣର ବିଶେଷତ୍ୱ କଣ ?**

---

## ୧.୪.୩- ଅନୁଭୂତ ସଂଗଠନ ପାଇଁ ଶିକ୍ଷାଦାନ

ଜଣେ ଶିକ୍ଷାର୍ଥୀ ପରିବେଶରେ ଥିବା ଜ୍ଞାନର ସଂଗଠନ, ନିଜର ପରିବେଶ ସହିତ ପ୍ରତିକ୍ରିୟାକୁ ଆଧାର କରିଥାଏ। ସଂରଚନାତ୍ମକ ଶିକ୍ଷଣର ଆଧାର ଉପରେ ଦୁଇଟି ପୂର୍ବନୁମାନ ନିମ୍ନରେ ଦିଆଯାଇଛି।

- ଜ୍ଞାନ ଶିକ୍ଷାର୍ଥୀ ସାହାର୍ଯ୍ୟରେ ସକ୍ରିୟ ଭାବରେ ନିଷ୍କ୍ରିୟ ଭାବରେ ପରିବେଶରୁ ଗ୍ରହଣ ନ କରି ଶୈକ୍ଷଣ ପରିବେଶରୁ ଶିକ୍ଷାର୍ଥୀର ସକ୍ରିୟତାରୁ, ନା କି ନିଷ୍କ୍ରିୟତାରୁ ଜ୍ଞାନର ସଞ୍ଚାର ହୋଇଥାଏ।

- ଜିଜ୍ଞାସା, ବାତାବରଣରୁ ପ୍ରାପ୍ତ ପିଲାଙ୍କ ଅନୁଭବ ଦ୍ୱାରା ଧାରାବାହିକ ଭାବେ ରୂପାନ୍ତରିତ ଓ ଗ୍ରହଣ ଆଧାରିତ ପ୍ରକ୍ରିୟା।

ଏହା ଧ୍ୟାନ ଦିଅନ୍ତୁ ଶିକ୍ଷାର୍ଥୀର ଅନୁଭୂତି ନୂତନ ଶିକ୍ଷଣ ପାଇଁ ଅଧିକ ମହତ୍ୱପୂର୍ଣ୍ଣ। ସେ ଜଣେ ଗୋଟିଏ ସମସ୍ୟାବହୁଳ ପରିସ୍ଥିତିକୁ ପୂର୍ବ ଅନୁଭୂତିର ରୂପାନ୍ତର କରି ସମାଧାନ କରିଥାଏ ଓ ଫଳରେ ନୂଆ ଅନୁଭୂତି ସରଞ୍ଜନା କରେ ଓ ନୂତନ ଜ୍ଞାନ ଲାଭ କରେ। କିନ୍ତୁ ଜ୍ଞାନର ସଂରଚନା ପ୍ରକ୍ରିୟା ଘଟିଥାଏ।

**ଜ୍ଞାନର ସଂରଚନା ନିମ୍ନମତେ ଘଟିଥାଏ:-**

- *ନୂତନ ଧାରଣାକୁ ପୂର୍ବଜ୍ଞାନ/ଅନୁଭୂତି ସହିତ ସଂଯୋଗ କରେ–* ଏହା ନୂତନ ଜ୍ଞାନ ସଂରଚନାକୁ ସାହାଯ୍ୟ କରିଥାଏ। ଯଦି ଜଣେ ବସ୍ତୁର ଗଣନା କରିବା ଜାଣିଛି। ସେ ଯୋଗ କରିବା ସହିତ ସଂଯୋଗ କରେ। କିନ୍ତୁ ଏହି ଅବସ୍ଥାରେ ପ୍ରତ୍ୟେକ୍ଷ ଭାବରେ ଭଗ୍ନାଂଶ ଶିଖି ନଥାଏ। ନିଜର ପାରିପାର୍ଶ୍ୱିକ

ବାତାବରଣରେ ବହୁତ ପ୍ରକାର ଘଟଣା ଓ ବସ୍ତୁ ସହିତ ଖେଳୁଥିବା ବ୍ୟକ୍ତି ନିଜ ମାନସିକ ଚିତ୍ରର ବିକାଶ କରିଥାଏ । ଓ ଯଦି କେହି ନୂଆ ବସ୍ତୁ ସମ୍ପର୍କରେ ଆସେ ଜଣେ ପୁରୁଣା ବସ୍ତୁକୁ ଆଧାର କରି ଏହାର ବ୍ୟାଖ୍ୟା କରିଥାଏ ।

- *ଧାରଣା ମଧ୍ୟରେ ପାରସ୍ପରିକ ସମ୍ପର୍କକୁ କେନ୍ଦ୍ରୀଭୂତ କରିବା:-* ନୂତନ ଧାରଣା/ଜ୍ଞାନ ଆଦି ସଂଗଠନ ହୋଇଥାଏ । ଯଦି ଆମେ ସମ୍ପର୍କିତ ଧାରଣାଗୁଡ଼ିକ ମଧ୍ୟରେ ସମାନତା ଓ ଅସମାନତା ସମ୍ବନ୍ଧକୁ ସ୍ଥାପନ କରିପାରୁ ତେବେ ନୂତନ ବସ୍ତୁର ଶିକ୍ଷଣ ଆହୁରି ସୁବିଧାଜନକ ଓ ଅର୍ଥପୂର୍ଣ୍ଣ ହୋଇଥାଏ ।

ଜ୍ଞାନ ସଂଗଠନର ମୁଖ୍ୟ ପ୍ରକ୍ରିୟା ଅଟେ । ପିଲାମାନେ ଏକ ନୂଆ ବସ୍ତୁର ସମ୍ମୁଖୀନ ହୋଇଥାନ୍ତି ଓ କିଛି ସମୟ ପରେ ଯଦି ସେ ନୂଆ ବସ୍ତୁ ସହ ସମ୍ବନ୍ଧ ଯୋଡ଼ିପାରେ ନାହିଁ ଓ ଛବି ତିଆରି କରେ । କିଛି ସମୟ ପରେ ଏହି ବସ୍ତୁ ତା ପାଇଁ ନୂଆ ହୋଇଯାଏ । ଅନ୍ୟ ଅର୍ଥରେ ମାନସିକ ଛବି ତିଆରି କରିବା ହେଉଛି ଜ୍ଞାନ ସଂରଚନା ।

- ସମାଜିକ ଦଳ ବା ସାମାଜିକ ବିଷୟରେ ଭାବ ବିନିମୟ କ୍ରିୟା: ଶିକ୍ଷଣକୁ ଅଧିକ ମହତ୍ତ୍ୱପୂର୍ଣ୍ଣ କରିବାରେ ସାହାର୍ଯ୍ୟ କରେ । ସାମାଜିକ ପ୍ରତିକ୍ରିୟା ଶିକ୍ଷାର୍ଥୀକୁ ବିଭିନ୍ନ ସାଂସାରିକ, ବାସ୍ତବିକ ସମସ୍ୟାକୁ ବହୁ ପ୍ରକାର ବ୍ୟାଖ୍ୟା କରିବା, ସମସ୍ୟାର ସମ୍ପୂର୍ଣ୍ଣ ମାନସିକ ସ୍ୱରୂପ ତିଆରି କରି, ମାନସିକ ରୂପରେ ସମାଧାନ କରିବା ଆଦିର ପ୍ରୟାସ କରିଥାଏ । ମାନସିକ ଚିତ୍ରଣର ଫଳସ୍ୱରୂପ ସମାଧାନ ନୂଆ ଜ୍ଞାନର ସଂରଚନା ରୂପରେ ବାହାରିଥାଏ ।

ଜଣେ ଶିକ୍ଷକ ହିସାବରେ ଆପଣଙ୍କ ପିଲାମାନଙ୍କର ଜ୍ଞାନ ସଂରଚନାରେ ଆପଣଙ୍କର କଣ କଣ ଭୂମିକା ଅଛି ?
ଶିକ୍ଷକଙ୍କର ଭୂମିକା ନିମ୍ନରେ ଦିଆଯାଇଛି ।

- ବିନା ଆଦେଶରେ ପିଲାକୁ ନୂଆ ଧାରଣାକୁ ଶିଖିବା ପାଇଁ ସାହାଯ୍ୟ କରିବା ।
- ଶ୍ରେଣୀରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପୂର୍ବ ଅନୁଭବ ପ୍ରାପ୍ତି କରିବାକୁ ସଂବେଦନଶୀଳତା ।
- ଶିକ୍ଷାର୍ଥୀଙ୍କୁ ବାସ୍ତବିକ ସାଂସାରିକ କାର୍ଯ୍ୟ କରିବାକୁ ନେବା ।
- ଯେତେସମ୍ଭବ ହେବ ନିକଟତର ପରିବେଶରୁ ବିଷୟବସ୍ତୁ ବା ଅନିଭବ ପ୍ରଦାନ କରିବା ।
- ଶିକ୍ଷଣକୁ ବାସ୍ତବିକ ସମ୍ପୋଦିତ ଓ ସମୟ ଅନୁକୂଳ କରାଇବା ପାଇଁ ବସ୍ତୁ ଓ ଅନୁକୂଳ ବାତାବରଣ ପ୍ରଦାନ କରିବାର ଚେଷ୍ଟା କରିବା ଯାହା ପୂର୍ବ ନିର୍ଦ୍ଧାରିତ ବସ୍ତୁନିଷ୍ଠ ।
- ବାସ୍ତବିକ ସାଂସାରିକ ସମସ୍ୟା ସମାଧାନ କରିବା ପାଇଁ ବା ଯୁକ୍ତି ଉପରେ ଧ୍ୟାନ କେନ୍ଦ୍ରିତ କରିବା ।

- କୌଣସି ସମସ୍ୟା ସମାଧାନ ପାଇଁ ବହୁବିଧ ଦୃଷ୍ଟି ରଖିବାରେ ଓ ବିକଳ୍ପ ସମାଧାନ ବାହାର କରିବା, ଯେତେବେଳେ ପିଲାଏ ଗୋଟିଏ ସମସ୍ୟା ସମାଧାନ କରିବାରେ ମଜ୍ଜି ଯାଇଥାନ୍ତି।
- ପିଲାଙ୍କୁ ପ୍ରଶ୍ନ ପଚାରିବାକୁ ଅନୁମତି ବୋଧକ ଓ ବୁଦ୍ଧିମାନ ପ୍ରଶ୍ନ ପଚାରିବା ପାଇଁ ଉତ୍ସାହିତ କରିବା।
- ମନକୁ ମନ ଚିନ୍ତା କରିବାର ଅଭ୍ୟାସକୁ ବିକଶିତ କରିବା। ବୁଦ୍ଧିମାନ ପ୍ରଶ୍ନ ପଚାରିବାକୁ ଉତ୍ସାହିର କଲେ ପରୋକ୍ଷ ଭାବରେ ଚିନ୍ତା କରିବା ପାଇଁ ଚାପ ପଡିଥାଏ।
- ପିଲାଙ୍କୁ ସଦ୍‌ଭାବନା ପୂର୍ବକ ମିଳିମିଶି ଶିକ୍ଷତାର ବିକାଶ ପଇଁ ସହାୟତା ପ୍ରଦାନ।
- ବିଦ୍ୟାଳୟ ଭିତରେ କାର୍ଯ୍ୟକୁ ବିଦ୍ୟାଳୟ ବାହାରେ କାର୍ଯ୍ୟ ସହିତ ସଂଯୋଗ କରିବା।
- ଶିକ୍ଷଣର ବିକାଶ ପାଇଁ ଆତ୍ମ ବିଶ୍ଳେଷଣ ଓ ସ୍ୱ-ମୂଲ୍ୟାୟନ କରିବାକୁ ଉତ୍ସାହିତ କରିବା।

## E-୧୫ ନୂତନ ଜ୍ଞାନ ସଂରଚନା ପାଇଁ ପୂର୍ବ ଅନୁଭୂତିର ଭୂମିକା କ'ଣ ?

### ସାରାଂଶ:-

- ଶିକ୍ଷଣ ଏକ ପ୍ରକ୍ରିୟା ଅଟେ, ଯାହାକି ବ୍ୟକ୍ତିର ବ୍ୟବହାର, ଜ୍ଞାନର ଅଭ୍ୟାସ ଓ ବ୍ୟକ୍ତିତ୍ୱର କେତେକ ଅଂଶରେ ଏକ ସ୍ଥାୟୀ ପରିବର୍ତ୍ତନ ଆଣିଥାଏ, ଯାହାକି ଜୀବନର ଆବଶ୍ୟକତାକୁ ପୂରଣ କରିଥାଏ।
- ଶିକ୍ଷଣ ନିରବଚ୍ଛିନ୍ନ ଭାବରେ ଇଚ୍ଛାକୃତ, ଉଦ୍ଦେଶ୍ୟପୂର୍ଣ୍ଣ ବା ସକ୍ରିୟାତ୍ମକ ପ୍ରକ୍ରିୟା, ଯାହା ବ୍ୟକ୍ତି ପରିବେଶ ସହିତ ପାରସ୍ପରିକ କ୍ରିୟା କରିଥାଏ।
- ପରିପକ୍ୱତା ବାତାବରଣ, ଶିଖିବାର ତତ୍ପରତା ଓ ପ୍ରେରଣା ଏହା ଏପରି ତତ୍ତ୍ୱ ଅଟେ ଯାହାର ପ୍ରଭାବ ଶିକ୍ଷଣ ଉପରେ ପଡିଥାଏ।
- ପିଲାଏ ବହୁ ପ୍ରକାର ପଦ୍ଧତି ଯଥା ଯେପରି ଅନୁକରଣ, ଅବଲୋକନ, ଚେଷ୍ଟା ଓ ତ୍ରୁଟି, ସହଭାଗିତା ବା ସମସ୍ୟା ସମାଧାନ ଆଦି ଶିଖିଥାନ୍ତି। ବସ୍ତୁମାନଙ୍କ ସାର୍ଥକତା ମଧ୍ୟ ଏକ ଶକ୍ତିଶାଳୀ ଶିକ୍ଷଣ ପଦ୍ଧତି ଅଟେ।
- ଶିକ୍ଷାଦାନର ପୁରାତନ ନିର୍ଦ୍ଦେଶନର ଅତିରିକ୍ତ ବ୍ୟବହାର ସୁଧାରିବା ପାଇଁ ବିଧି ମଧ୍ୟ ଶ୍ରେଣୀରେ ଶିକ୍ଷାଦାନ ଶିକ୍ଷଣ ବିଧି ଉପରେ ପ୍ରଭାବ ପକାଇଥାଏ।

ଟିପ୍ପଣୀ

- ବୌଦ୍ଧିକ ବିକାଶ ପାଇଁ ଶିକ୍ଷଣ ଓ ଜ୍ଞାନ ସଂରଚନା ପାଇଁ ଶିକ୍ଷଣର ମଧ୍ୟ ପ୍ରାଥମିକ ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ।

## ୧.୬- ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ


Moyles.J(2007) Beginning Teaching Beginning Learning in primery Education cestric couirt, open university press.

Auther J.s.Cermin.T.(2006). Learning to teach in the primary school, newyork, Routledge fischer.J.(2008), Starting from child, Mc.Graw Hill Education open university press.


## ୧.୭- ପ୍ରଗତିର ମୂଲ୍ୟାୟନ ପାଇଁ ଆଦର୍ଶ ଉ□ର

E-୧ ଦିଆଯାଇଥିବା ତାଲିକାର ଯେକୌଣସି ୩ଟି :-

**E-୨** ● ଯେପରି ବାହ୍ୟ ପ୍ରୋତ୍ସାହନ ପ୍ରଦାନ କକରିବା ପାଇଁ ଅନ୍ୟ ଉପରେ ନିର୍ଭର କରିବା, ଆନ୍ତରିକ ପ୍ରୋତ୍ସାହନ ଏହା ଭିତରେ ଆସେ। ବାହ୍ୟ ପ୍ରୋତ୍ସାହନ ଅପେକ୍ଷା ଆନ୍ତରିକ ପ୍ରୋତ୍ସାହନ ଲମ୍ବା ସମୟ ପର୍ଯ୍ୟନ୍ତ ରହିଥାଏ।

E-୩- ମଡେଲର ଦୃଶ୍ୟ ଦ୍ୱାରା ପଥଭ୍ରଷ୍ଟ ବ୍ୟବହାର ପାଇଁ ଦଣ୍ଡପୂର୍ଣ୍ଣ

**E-୪** ● ବିଶିଷ୍ଟ ଉଦ୍ଦେଶ୍ୟ ଉପରେ ପିଲାଙ୍କର ଧ୍ୟାନ ଦେବାରେ କେନ୍ଦ୍ରିଭୂତ ହେବା ପାଇ ସାହାଯ୍ୟ।

● କୌଣସି କାର୍ଯ୍ୟରେ ମାନସିକ ଅଭ୍ୟାସ ପାଇଁ ଉତ୍ସାହିତ କରିବା।

● ପର୍ଯ୍ୟବେଶିତ କ୍ରିୟାର ଅଭ୍ୟାସ ପାଇଁ କାର୍ଯ୍ୟକଳାପ/କ୍ଷେତ୍ର ପ୍ରଦାନ କରିବା ପିଲାଙ୍କୁ ପର୍ଯ୍ୟବେଶିତ କ୍ରିୟା ଶିଖିବା ପାଇଁ ପ୍ରେରିତ କରିବା।

**E-୫** ● ପୁରସ୍କାର ପ୍ରଦାନ କରିବା

● ଶିକ୍ଷାର୍ଥୀ ସହ ଚର୍ଚ୍ଚା କରିବା ଓ ତାକୁ ସ୍ୱ-ଆକଳନ ପାଇଁ ଉତ୍ସାହିତ କରିବା

**E-୬ ଅଭ୍ୟାସ ନିୟମ, ପ୍ରଭାବିତ ନିୟମ ଓ ପ୍ରସ୍ତୁତି ନିୟମ**



ଟିପ୍ପଣୀ

**E-୭** • ସମସ୍ତ କାର୍ଯ୍ୟରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା

• ଅନୁସନ୍ଧାନମୂଳକ ପ୍ରଶ୍ନ ପଚାରିବା

**E-୮** • କାର୍ଯ୍ୟକଳାପର ସିଦ୍ଧାନ୍ତ, ତର୍କବିତର୍କ ଭାବନା, ଜ୍ଞାତରୁ ଅଜ୍ଞାତକୁ ଯିବା ପଦ୍ଧତି, ଉଦ୍ଦେଶ୍ୟଭିତ୍ତିକ ଅନୁଭୂତିର ସିଦ୍ଧାନ୍ତ, ବିକଳ୍ପ ଅନୁସନ୍ଧାନ ପାଇଁ ସିଦ୍ଧାନ୍ତ

**E-୯** • ସମସ୍ୟାକୁ ଚିହ୍ନଟ କରିବା ଓ ବ୍ୟାଖ୍ୟା କରିବା, ସମସ୍ୟାର ବିଶ୍ଳେଷଣ, ପରିକଳ୍ପନା ନିର୍ମାଣ କରିବା, ପରିକଳ୍ପନାର ଯାଞ୍ଚ କରିବା ଓ ଫଳାଫଳର ସତ୍ୟତା ଯାଞ୍ଚ କରିବା

**E-୧୦** • କୌଣସି ବସ୍ତୁ ବା ଘଟଣାର ଅର୍ଥ ଆମର ବୋଧଶକ୍ତିରୁ ଆସିଥାଏ। ଯେତେବେଳେ ଆମେ ବ୍ୟବହାରରେ ରୂପାନ୍ତର ଓ ପରିକଳ୍ପନା କରିଥାଉ, ଆମେ ପୂର୍ବରି ହାସଲ କରିଥିବା ଅର୍ଥର ପରିବର୍ତ୍ତନ ଓ ରୂପାନ୍ତର କରିଥାଉ। ଆମେ ମଧ୍ୟ ଆମ ଅନୁଭୂତିର ରୂପାନ୍ତର କରୁ ଓ ନୂଆ ଅନୁଭୂତିକୁ ଏକାଠି କରିଥାଉ। ଏହିପରି ଗ୍ରହଣ କରିବା ଓ ବୁଝିବା ଶିକ୍ଷଣର ଆକାର ଦିଏ।

**E-୧୧** • ପୁର୍ନଚଳନକୁ ଯୋଗାଇବାରେ ବିଭିନ୍ନତା

**E-୧୨** • ନକାରାତ୍ମକ ପୁର୍ନଚଳନ ଆରାମ ପ୍ରଦାନ କରିଥାଏ।

• ଯେପରିକି ଦୁଃଖ ପ୍ରଦାନ କରି ଉଦ୍ଦୀପକକୁ ଦୂର କରାଇବା ଓ ଏଥିରେ ବାଞ୍ଛିତ ବ୍ୟବହାର ହାସଲ କରିବାର ଦୃଢୀକରଣ, ଅନ୍ୟ ପକ୍ଷରେ ଦଣ୍ଡ ବାଞ୍ଛିତ ବ୍ୟବହାର ହାସଲ କରିବାରେ ବାଧା ଉପୁଯାଇଥାଏ।

**E-୧୩** • ମୂର୍ତ୍ତକ୍ରିୟା ସମ୍ପାଦନ କ୍ରିୟାର ଦୃଢୀକରଣ, ବିଭିନ୍ନ ପ୍ରକାରର ସ୍ଥୁଳବସ୍ତୁର କୌଶଳ ଭାବରେ ପରିଚାଳନା କରି ପ୍ରପ୍ତ ହେଇଥାଏ। ଯେପରି ପ୍ରାଥମିକ ବିଦ୍ୟାଳୟରେ ପିଲା(୭ରୁ ୧୧ ବର୍ଷ ବୟସ ପର୍ଯ୍ୟନ୍ତ)ମାନଙ୍କୁ ଅଧିକରୁ ଅଧିକ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀର ଆବଶ୍ୟକ ହୋଇଥାଏ।

**E-୧୪** • ଦଳମତ ଶିକ୍ଷଣ ଅଧିକ ସାମଜିକ ପ୍ରତିକ୍ରିୟା ପାଇଁ ସୁଯୋଗ ଦେଇଥାଏ। ଯାହାକି ସୁସ୍ଥ ବୌଦ୍ଧିକ ବିକାଶ ପାଇଁ ଦରକାର।

**E-୧୫** • ପୂର୍ବାନୁଭୂତି, ନୂଆ ପରିସ୍ଥିତିରୁ ସେହି ସମାନ ବସ୍ତୁ ଓ ଘଟଣାର ଧାରଣା ସହିତ ସଂଯୋଗ କରିଥାଏ ଓ ନୂତନ ନିର୍ମାଣରେ ସହାୟତା କରିଥାଏ।

## ୧.୮- ପାଠାନ୍ତ ପ୍ରଶ୍ନ

• ଗୋଟିଏ ଶିକ୍ଷଣ ପ୍ରକ୍ରିୟାର ପରିଭାଷା ଦିଅନ୍ତୁ ଓ ଏହାର ବିଶେଷତ୍ୱ ବର୍ଣ୍ଣନା କରନ୍ତୁ।



ଟିପ୍ପଣୀ

- ଉପଯୁକ୍ତ ଉଦାହରଣ ସହ ପର୍ଯ୍ୟବେକ୍ଷଣ ଦକ୍ଷତା ପ୍ରକ୍ରିୟାର ୪ଟି ଉଦାହରଣ ବର୍ଣ୍ଣନା କରନ୍ତୁ । ଅନୁକରଣ କିପରି ପର୍ଯ୍ୟବେକ୍ଷଣ ଶିକ୍ଷଣକୁ ପ୍ରଭାବିତ କରେ ?
- ନିର୍ଗମନ ଆଚରଣର ରୂପାନ୍ତର ଶ୍ରେଣୀ କକ୍ଷର ଅଭ୍ୟାସରୁ ଉଦାହରଣ ନେଇ ବର୍ଣ୍ଣନା କରନ୍ତୁ ।
- ପିଲାଙ୍କର ବୌଦ୍ଧିକ ବିକାଶ ପାଇଁ ପ୍ରାଥମିକ ଶିକ୍ଷକଙ୍କ ଭୂମିକା କଣ ବର୍ଣ୍ଣନା କର ?
- ଅର୍ଥପୂର୍ଣ୍ଣ ଶିକ୍ଷଣ ତିଆରି ଓ ଜ୍ଞାନ ନର୍ମାଣ ପାଇଁ ଶିକ୍ଷାଦାନର ସମ୍ପର୍କକୁ ପରୀକ୍ଷା କରି ଦେଖନ୍ତୁ ।